

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:124✦27 August 2026 (Thursday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୧୨୪✦୨୭ ଅଗଷ୍ଟ ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


### ଅମିତ ଶାହଙ୍କ ମେଗା ଆକ୍ସନ୍ ପ୍ଲାନ !

# ଦେଶର ୮୫୦ ଅଫିସରଙ୍କୁ ଦିଲ୍ଲୀ ଡାକରା



ନୂଆଦିଲ୍ଲୀ, ୨୬।୮: ଦିଲ୍ଲୀରେ ୮୫୦ ଅଫିସରଙ୍କୁ ଗୃହମନ୍ତ୍ରୀ ଅମିତ ଶାହଙ୍କ ବଡ଼ ଟାର୍ଗେଟ୍ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଦିନ ସ୍ପଷ୍ଟ କରିଛନ୍ତି ଯେ, ମୋଦୀ ସରକାର ଖୁବ୍ କମ୍ ସମୟ ମଧ୍ୟରେ ଦେଶକୁ ଅବୈଧ ଅନୁପ୍ରବେଶରୁ ମୁକ୍ତ କରିବା ପାଇଁ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏଥିପାଇଁ ଗତ ୮ ମାସ ମଧ୍ୟରେ ସୀମାନ୍ତ ରାଜ୍ୟଗୁଡ଼ିକ ସହ ଆଲୋଚନା କରାଯାଇ ସୀମା ସୁରକ୍ଷା ପାଇଁ ଏକ 'ଚତୁର୍ମୁଖୀ ଦୃଷ୍ଟିକୋଣ' ଥିବା ଦସ୍ତାବିଜ୍ ହସ୍ତାନ୍ତର କରାଯାଇଛି । ଏହି ନୀତିରେ ସୀମା ସୁରକ୍ଷା ବାହିନୀ, ରାଜ୍ୟ ଓ ଜିଲ୍ଲା ପ୍ରଶାସନ, କେନ୍ଦ୍ରୀୟ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କୁ ମୁଖ୍ୟ ଭାଗିଦାର ଭାବେ ସାମିଲ କରାଯାଇଛି । ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଆୟୋଜିତ 'ନ୍ୟାସନାଲ ସିକ୍ୟୁରିଟି ଷ୍ଟ୍ରାଟେଜୀ କନଫରେନ୍ସ' (ଘଝଝଉ)ର ଉଦଯାପନୀ ସମାରୋହରେ ଅଧ୍ୟକ୍ଷତା କରି ଶାହ ସୀମାନ୍ତ ରାଜ୍ୟର ପ୍ରାୟ ୮୫୦ ଅଫିସରଙ୍କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, 'ଏହି ଦେଶ କୌଣସି 'ଧର୍ମଶାଳା' ନୁହେଁ ଏବଂ ଏଠାରେ ରହିବାର ଅଧିକାର କେବଳ ଭାରତୀୟ ନାଗରିକଙ୍କର ଅଛି ।' ଘଝଝଉର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଗାମୀ ୧୫-୨୦ ବର୍ଷର ସୁରକ୍ଷା ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକୁ ପୂର୍ବାନୁମାନ କରି ରଣନୀତି ପ୍ରସ୍ତୁତ କରିବା । ଗୃହମନ୍ତ୍ରୀ କହିଛନ୍ତି ଯେ, ବିପଦ ବଡ଼ ହେବା ପୂର୍ବରୁ ହିଁ ତାହାକୁ ଚିହ୍ନଟ କରି ନଷ୍ଟ କରିବାକୁ ପଡ଼ିବ । ଏକ ସୁରକ୍ଷିତ, ଅନୁପ୍ରବେଶମୁକ୍ତ ଏବଂ ନିଶାମୁକ୍ତ ଭାରତ ଗଢ଼ିବା ପାଇଁ ଏକ ମଜବୁତ ଇକୋସିଷ୍ଟମ ପ୍ରସ୍ତୁତ କରାଯାଉଛି । ସୁରକ୍ଷା ବାହିନୀ, କେନ୍ଦ୍ରୀୟ ଏଜେନ୍ସି ଓ ରାଜ୍ୟ ପୁଲିସକୁ ପ୍ରଶଂସା କରି ଶାହ କହିଛନ୍ତି ଯେ ଜମ୍ମୁ-କାଶ୍ମୀର, ନକ୍ସଲବାଦ ପ୍ରଭାବିତ ଅଂଚଳ ଏବଂ ଉତର-ପୂର୍ବାଂଚଳ ଭଳି ୩ଟି ପ୍ରମୁଖ ସୁରକ୍ଷା ହଟସ୍ପଟରେ ସମସ୍ୟାର ସମାଧାନ କରାଯାଇପାରିଛି । ପୂର୍ବତନ ସରକାରଗୁଡ଼ିକ ଏହି ସମସ୍ୟାକୁ ପ୍ରାରମ୍ଭିକ ସ୍ତରରେ ରୋକିଥିଲେ ଦେଶକୁ ଦଶନ୍ଧି ଦଶନ୍ଧି ଧରି ଏହାର ପରିଣାମ ଭୋଗିବାକୁ ପଡ଼ିନଥାନ୍ତା । ଶାହ ପପୁଲାର ଫ୍ରଂଟ ଅଫ୍ ଇଣ୍ଡିଆ (ଚରଓ) ଉପରେ ଗୋଟିଏ ରାତିରେ ବ୍ୟାନ୍ ଲଗାଇ ତାର ନେଟୱାର୍କ ଧ୍ୱଂସ କରିବାକୁ କେନ୍ଦ୍ର-ରାଜ୍ୟ ସମନ୍ୱୟର ଶ୍ରେଷ୍ଠ ଉଦାହରଣ ଭାବେ ଦର୍ଶାଇଛନ୍ତି । ପ୍ରଯୁକ୍ତିବିଦ୍ୟାର ବ୍ୟବହାର: ଯୁବ ଅଫିସରମାନେ ଏଆଇ ଏବଂ ଡାଟା ଆନାଲିସିସ୍ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ୨୦୪୭ ବିକଶିତ ଭାରତ ଲକ୍ଷ୍ୟରେ ଭାଗିଦାର ହୁଅନ୍ତୁ । ନିଶା କାରବାରକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ରାଜ୍ୟ ପୁଲିସକୁ '୩ଡ଼ି' ସୂତ୍ରରେ କାମ କରିବାକୁ ଗୃହମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


## ମାଓବାଦୀ ଡମ୍ପ ଠାବ, ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ



ମାଲକାନଗିରି,୨୬/୮(ନି/ପ୍ର): ନିକଟରେ ମାଲକାନଗିରିରେ ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ପଚରାଉଚରା ସମୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା । ଏହି ସୂଚନାକୁ ଆଧାର କରି ମାଲକାନଗିରି ଡିଭିଏଫ୍ ଟିମ୍ ପକ୍ଷରୁ ମାଥିଲି ଥାନା ଅଧୀନ ଚେରକୋଟଲା, କିର୍ମିଟି, କୋଟୱାପଦର ଓ କଦଭଟା ଜଙ୍ଗଲ ଅଂଚଳରେ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ଅଂଚଳ ଛତିଶଗଡ଼ର ବସ୍ତର ଜିଲ୍ଲାର ଦରଭା ଥାନା ଏବଂ ସୁକମା ଜିଲ୍ଲାର ପୁସପାଲ ଥାନା ସୀମାକୁ ଲାଗି ରହିଛି । ୨୬.୦୮.୨୦୨୬ ଭୋର ପ୍ରାୟ ୫ଟା ୩୦ ମିନିଟରେ ଯାଂଚ ସମୟରେ ଡିଭିଏଫ୍ ଟିମ୍ ଏକ ବଡ଼ ମାଓବାଦୀ ଡମ୍ପ ଠାବ କରିଥିଲା । ଡମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଆଇଇଡି, ବିସ୍ଫୋରକ, କ୍ଲେମୋର ମାଇନ୍ ଏବଂ ଅନ୍ୟାନ୍ୟ ବେଆଇନ ସାମଗ୍ରୀ ଜବତ କରାଯାଇଛି । ଏହି ସାମଗ୍ରୀଗୁଡ଼ିକ ସାଧାରଣ ନାଗରିକ ଏବଂ ସୁରକ୍ଷାବାହିନୀଙ୍କୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ରଖାଯାଇଥିବା ସନ୍ଦେହ କରାଯାଉଛି । ଜବତ ସାମଗ୍ରୀ ମଧ୍ୟରେ ଦେଶୀ ବନ୍ଧୁକ ୩ଟି, ୫ କେଜି ଆଇଇଡି ୧ଟି, ୩ କେଜି ଆଇଇଡି ୨ଟି, ୨ କେଜି ଆଇଇଡି ୧ଟି , କୋଡେକ୍ସ ତାର ୧ ବଣ୍ଡଲ ,କ୍ଲେମୋର ମାଇନ୍ ୨ଟି , ଆଇଇଡି ସପ୍ କେସ୍ ୨ଟି , ରୋନିକୋଟ ୧ଟି , କ୍ୟାପ୍ ୧ଟି , ଲାଲ୍ କପଡ଼ା ୪ ମିଟର , ମାଓବାଦୀ ବ୍ୟାନର ୨ଟି , ମାଓବାଦୀ ୟୁନିଫର୍ମ ୧ ଯୋଡ଼ା , ରେଡିଓ ଆଣ୍ଟେନା ୧ଟି , ୯ ଭୋଲ୍ଟ ବ୍ୟାଟେରୀ ୩ଟି, ୧୦ ମିଟର ତାର, ଛୁରୀ ୧ଟି, ଟର୍ଚ୍ଚ ୧ଟି, ଜର୍କିନ୍ ୨ଟି, ଆଇନା ୧ଟି, ଚାମଚ ୧ଟି, ସ୍ୟାଣ୍ଡେଲ୍ ୨ ଯୋଡ଼ା, ବ୍ୟାଗ୍ ୧ଟି, ଚଷମା ବାକ୍ସ ୧ଟି, କଲମ ୩ଟି, ଟୁଥ୍ ?ପେଷ୍ଟ ୧ଟି, ଟୁଥ୍‌ବ୍ରଶ୍ ୩ଟି, ତେଲ ବୋତଲ ୨ଟି, ଲାଇଟର ୧ଟି, କଇଁଚି ୧ଟି, ସାବୁନ ବାକ୍ସ ୩ଟି, କପା ୧ ପ୍ୟାକେଟ୍, ଔଷଧ ଏବଂ ମାଓବାଦୀ ସାହିତ୍ୟ ବହି ଇତ୍ୟାଦି ଜବତ କରାଯାଇଛି । ଜବତ ହୋଇଥିବା ସାମଗ୍ରୀ ଏଓବିଏସଜେଡସି ମାଓବାଦୀ କ୍ୟାଡରମାନଙ୍କର ବୋଲି ସନ୍ଦେହ କରାଯାଉଛି ।

## ହର୍ମୁଜ୍‌ରେ ଅସ୍ଥାୟୀ କରିଡର ପାଇଁ ଇରାନ ଏବଂ ଓମାନ ମଧ୍ୟରେ ସହମତି



ତେହେରାନ,୨୬/୮: ଇରାନ ଏବଂ ଓମାନ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପୁନଃ ଆରମ୍ଭ କରିବା ପାଇଁ ଏକ ଅସ୍ଥାୟୀ ସମୁଦ୍ରପଥ ସୃଷ୍ଟି କରିବା ବିଷୟରେ ଆଲୋଚନା କରିଛନ୍ତି । ଆମେରିକା ସହିତ ଉତ୍ତେଜନା ଏବଂ ଆର୍ଥିକ ଚାପ ମଧ୍ୟରେ ଇରାନ କହିଛି ଯେ ସେ ଏହି ପ୍ରସଙ୍ଗରେ ଓମାନ ସହିତ ପୁଣି ଆଲୋଚନା କରିଛି । ଏହି ଜଳପଥ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ କିଛି ସପ୍ତାହ ଧରି ଆଲୋଚନା ଜାରି ରହିଛି । ଇରାନ ଏବଂ ଓମାନ ଏକ ମିଳିତ ଅସ୍ଥାୟୀ ନାଭିଗେସନ କରିଡର ସୃଷ୍ଟି କରିବା ବିଷୟରେ ଆଲୋଚନା କରିଛନ୍ତି । ଉଭୟ ଦେଶ ଏହି ପଥରୁ ସମୁଦ୍ର ଖଣି ଅପସାରଣ କରିବାକୁ ମଧ୍ୟ ରାଜି ହୋଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଦାବି କରିସାରିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀରୁ ସମସ୍ତ ଖଣି ଅପସାରିତ କରାଯାଇଛି । ଆମେରିକା ଏବଂ ଇରାନ ମଧ୍ୟରେ ସିଧାସଳଖ ଯୁଦ୍ଧ ଏବେ ଯଥେଷ୍ଟ ହ୍ରାସ ପାଇଛି, କିନ୍ତୁ ଦୁଇ ଦେଶ ମଧ୍ୟରେ ଶାନ୍ତି ଚୁକ୍ତି ପାଇଁ ଆଲୋଚନା ଆଗକୁ ବଢୁନାହିଁ । ତେଣୁ, ହର୍ମୁଜ୍ ପ୍ରଣାଳୀ ପାର୍ ହେବା ବିପଦପୂର୍ଣ୍ଣ ରହିଛି ।ଆମେରିକା ଇରାନର ଅର୍ଥନୀତି ଉପରେ ଚାପ ବୃଦ୍ଧି କରିଛି, ଇରାନ ସହିତ ବାଣିଜ୍ୟ ଜାରି ରଖିଥିବା ଦେଶଗୁଡ଼ିକୁ ଦଣ୍ଡିତ କରିବାକୁ ଧମକ ଦେଇଛି । ଆମେରିକା ମଧ୍ୟପ୍ରାଚ୍ୟରେ ଥିବା କିଛି ଦୂତାବାସରୁ କର୍ମଚାରୀମାନଙ୍କୁ ଫେରାଇ ଆଣିବା ଆରମ୍ଭ କରିଛି । ଇରାନ ସହିତ ଉତ୍ତେଜନା ବୃଦ୍ଧି ପାଇବାରୁ ଏହି କର୍ମଚାରୀମାନଙ୍କୁ ପ୍ରତ୍ୟାହାର କରାଯାଇଛି।

## ସ୍ୱାଇନ ଫ୍ଲୁ ସଂକ୍ରମଣ ; ଦିଲ୍ଲୀର ସବୁ ସ୍କୁଲକୁ ସତର୍କତା ଜାରି

ନୂଆଦିଲ୍ଲୀ,୨୬/୮: ରାଜଧାନୀ ଦିଲ୍ଲୀରେ ସ୍ୱାଇନ ଫ୍ଲୁ (ଏଚ୧ଏନ୧) ଭୂତାଣୁ ସଂକ୍ରମଣ ବ୍ୟାପକ ହେବାରେ ଲାଗିଛି । ଚଳିତ ବର୍ଷ ୨୩୦୮ ଜଣ ସଂକ୍ରମିତ ଚିହ୍ନଟ ହେଲେଣି । ଭୂତାଣୁ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ଜରୁରୀ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ସଂକ୍ରମଣକୁ ନିୟନ୍ତ୍ରଣ ପାଇଁ ସବୁ ସ୍କୁଲ ଓ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନକୁ ସାନି ସତର୍କତା ଜାରି କରାଯାଇଛି । ସଂକ୍ରମଣରୁ ଦୂରେଇ ରହିବା ଲାଗି ସ୍କୁଲ ପିଲାମାନଙ୍କୁ ଆବଶ୍ୟକ ପ୍ରତିଷେଧମୂଳକ ପରାମର୍ଶ ଦିଆଯାଇଛି । ଏହା ସହିତ ଯେଉଁ ପିଲାମାନଙ୍କ ଠାରେ ସ୍ୱାଇନ ଫ୍ଲୁ ସଂକ୍ରମଣର ଲକ୍ଷଣ ଦେଖାଯାଉଛି ସେମାନଙ୍କୁ ସ୍କୁଲ ନ ପଠାଇବାକୁ କୁହାଯାଇଛି । ଦିଲ୍ଲୀ ସହିତ ନଇଡାରେ ମଧ୍ୟ ସ୍ୱାଇନ ଫ୍ଲୁ ସଂକ୍ରମଣ ବ୍ୟାପୁଥିବା ଜଣାଯାଇଛି । ଏଠାରେ ମଧ୍ୟ ବିଦ୍ୟାଳୟଗୁଡ଼ିକ ପାଇଁ ସ୍ୱାସ୍ଥ୍ୟ ବିଭାଗ ସତର୍କତା ଜାରି କରିଛି ।



## ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ, ଏସି ଫାଟି ୧୫ ନବଜାତ ଶିଶୁ ମୃତ



ନୂଆଦିଲ୍ଲୀ, ୨୬।୮: ଇସଲାମାବାଦର ଏକ ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ପାକିସ୍ତାନର ରାଜଧାନୀ ଇସଲାମାବାଦସ୍ଥିତ ପ୍ରସିଦ୍ଧ 'ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସ୍ସେ' (ଚଓଗଝ) ହସ୍ପିଟାଲରେ ଆଜି ସକାଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି । ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ୱାର୍ଡର ନର୍ସରୀରେ ଲାଗିଥିବା ଏସିର କମ୍ପ୍ରେସର ଫାଟିଯିବା ଫଳରେ ଏହି ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ନିଆଁରେ ପୋଡ଼ି ଏବଂ ପ୍ରବଳ ଧୂଆଁ ଯୋଗୁଁ ନିଶ୍ୱାସ ବନ୍ଦ ହୋଇ ୧୫ ଜଣ ନବଜାତ ଶିଶୁଙ୍କର କରୁଣ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ, ଅଗ୍ନିକାଣ୍ଡ ସମୟରେ ଉକ୍ତ ୱାର୍ଡରେ ମୋଟ୍ ୧୬ ଜଣ ଶିଶୁ ଭର୍ତ୍ତି ହୋଇଥିଲେ । ହସପିଟାଲ ଷ୍ଟାଫ୍ ମାତ୍ର ଜଣେ ଶିଶୁକୁ ସୁରକ୍ଷିତ ଉଦ୍ଧାର କରିବାରେ ସଫଳ ହୋଇଥିବା ବେଳେ ବାକି ୧୫ ଜଣ ଅବୋଧ ଶିଶୁ ଆଖି ପିଛୁଳାକେ ଆପାତତଃ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ସକାଳ ପ୍ରାୟ ୬:୪୫ ରୁ ୭:୦୦ ଟା ମଧ୍ୟରେ ମଦର ଆଣ୍ଡ ଚାଇଲ୍ଡ ହେଲଥ (ଗଡଐ) ୱାର୍ଡର ତୃତୀୟ ମହଲାରେ ହଠାତ୍ ଜୋର୍ ରେ ଶବ୍ଦ ହେବା ସହ ଇଉ କମ୍ପ୍ରେସରଟି ଫାଟିଯାଇଥିଲା । ଦେଖୁ ଦେଖୁ ନିଆଁ ଓ କଳା ଧୂଆଁ ସମଗ୍ର ୱାର୍ଡକୁ ବ୍ୟାପିଯାଇଥିଲା । ରୋଗୀଙ୍କ ସମ୍ପର୍କୀୟ ଓ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଖେଳିଯାଇଥିଲା । ସୂଚନା ପାଇବା କ୍ଷଣି ପୁଲିସ, ଜିଲ୍ଲା ପ୍ରଶାସନ ଓ ୬ଟି ଫାୟାର ବ୍ରିଗେଡ୍ ଗାଡ଼ି ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟନ୍ତ କରିବା ସହ କୁଲିଂ କରିବା ଜାରି ରଖିଥିଲେ । ସେତେବେଳକୁ ବହୁତ ବିଳମ୍ବ ହୋଇସାରିଥିଲା ।

# ଆଜି ଗଞ୍ଜାମ ଯିବେ ମୁଖ୍ୟମନ୍ତ୍ରୀ

## ବିସ୍ଥାପିତଙ୍କୁ ବାଂଟିବେ ପଟ୍ଟା ଓ ସହାୟତା ରାଶି



ଛତ୍ରପୁର/ଗୋପାଳପୁର,୨୬/୮(ନି/ପ୍ର):ଗଞ୍ଜାମ ଜିଲ୍ଲା ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆସନ୍ତା ୨୭ ତାରିଖରେ ଗୋପାଳପୁର ନିର୍ବାଚନମଣ୍ଡଳୀ ଧବଳେଶ୍ୱର ପୀଠକୁ ଆସିବେ । ବିସ୍ଥାପିତଙ୍କୁ ପଟ୍ଟା ବଂଟନ ସହ ସାଧାରଣ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ । ଦୁଇ ବର୍ଷରେ ଗଞ୍ଜାମର ବିକାଶମୂଳକ କାର୍ଯ୍ୟ ଏବଂ ଆଗକୁ ଯୋଜନା ଥିବା ବହୁ ପ୍ରକଳ୍ପ ଘୋଷଣା କରିବେ ମୁଖ୍ୟମନ୍ତ୍ରୀ । ଏହି ଗସ୍ତକୁ ସଫଳ, ସୁରକ୍ଷିତଓ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ମଙ୍ଗଳବାର ଧବଳେଶ୍ୱର ମନ୍ଦିର ପରିସର ଏବଂ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ୍‌କୁ ଯାଇ ସମୀକ୍ଷା କରିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଡା. ସରବଣା ବିବେକ ଏମ୍, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭାଗୀୟ ଅଧିକାରୀ ।

## ନଭେମ୍ବର ୨୪ରୁ ବାଲିଯାତ୍ରା !

କଟକ,୨୬/୮(ନି/ପ୍ର): କଟକ ବାଲିଯାତ୍ରାକୁ ନେଇ ଆସିଲା ବଡ଼ ଖବର । ଚଳିତବର୍ଷ ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରା । ଏଥର ଉପର ପଡ଼ିଆ ସହ ତଳ ପଡ଼ିଆରେ ମଧ୍ୟ ବାଲିଯାତ୍ରା ଆୟୋଜନ କରାଯିବ । ବାଲିଯାତ୍ରାକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ଗତବର୍ଷ ତୁଳନାରେ ଚଳିତବର୍ଷ ପାର୍କିଂ ବ୍ୟବସ୍ଥା ବଢ଼ାଯିବ । ଭିଡ଼ ନିୟନ୍ତ୍ରଣ ସହ ଯାନବାହନ ପାର୍କିଂକୁ ନେଇ ପ୍ରଶାସନ ପକ୍ଷରୁ ବିଶେଷ ଯୋଜନା କରାଯାଉଛି । କେବଳ ଓଡ଼ିଶା ନୁହେଁ, ରାଜ୍ୟ ବାହାରୁ ମଧ୍ୟ କଳାକାରମାନେ ଆସି ବାଲିଯାତ୍ରା ମଂଚରେ କାର୍ଯ୍ୟକ୍ରମ ପରିବେଷଣ କରିବେ । ଫଳରେ ଦର୍ଶକଙ୍କ ପାଇଁ ମନୋରଞ୍ଜନର ଭରପୂର ବ୍ୟବସ୍ଥା ରହିବ । ଏଥର ବାଲିଯାତ୍ରାର ଆଉ ଏକ ଆକର୍ଷଣ ହେବ ମହାନଦୀରେ ଜଳକ୍ରୀଡ଼ା ।

# ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଲା ଟ୍ରକ୍ :

### ୬ ମୃତ, ୩୦ରୁ ଅଧିକ ଗୁରୁତର



ତେଲେଙ୍ଗାନା,୨୬/୮: ତେଲେଙ୍ଗାନାର ସୂର୍ଯ୍ୟପେଟ୍‌ରେ ଘଟିଛି ଏକ ଭୟଙ୍କର ସଡ଼କ ଦୁର୍ଘଟଣା । ହାଇଦ୍ରାବାଦରୁ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଲୁହା ରଡ୍ ବୋଝେଇ ଟ୍ରକ୍ ଧକ୍କା ଦେବାରୁ ୬ ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ୩୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ହାଇଦ୍ରାବାଦରୁ ବିଜୟୱାଡା ଯାଉଥିବା ଏକ ଘରୋଇ ଇଲେକ୍ଟ୍ରିକ୍ ବସ୍ ଦୁର୍ଗାପୁରମ୍ ଷ୍ଟେଜ୍ ନିକଟରେ ଲୁହା ରଡ୍ ବୋଝେଇ ଏକ କଣ୍ଟେନର ଟ୍ରକ୍ ସହ ଧକ୍କା ହୋଇଥିଲା । ଦୁର୍ଘଟଣା ସମୟରେ ବସ୍‌ରେ ମୋଟ ୪୩ ଜଣ ଯାତ୍ରୀ ଥିବା ପୁଲିସ ସୂଚନା ଦେଇଛି । ଧକ୍କା ପରେ ବସ୍‌ର ସମ୍ମୁଖ ଭାଗ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ଲୋକେ ପହଂଚି ଆହତ ଯାତ୍ରୀଙ୍କୁ ବାହାର କରି ନିକଟସ୍ଥ ହସ୍ପିଟାଲକୁ ପଠାଇଥିଲେ । ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ମର୍ଗକୁ ପଠାଯାଇଛି । ଏହି ଦୁର୍ଘଟଣାରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାର ପ୍ରତି ସେ ସମବେଦନା ଜଣାଇବା ସହ ଆହତମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ପରେ ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ବେଳେ ଘଟଣାର ସମସ୍ତ ଦିଗକୁନେଇ ତଦନ୍ତ ଜାରି ରହିଛି ।

## ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ

ଭୁବନେଶ୍ୱର,୨୬/୮(ନି/ପ୍ର): ଆସନ୍ତା ସେପ୍ଟେମ୍ବର ୨୨ରୁ ଆରମ୍ଭ ହେବାକୁ ଯାଉଛି ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନ ।ଏହା ଅକ୍ଟୋବର ୩ ତାରିଖ ଯାଏ ଚାଲିବ ।ଏହି ଅଧିବେଶନରେ ମୋଟ୍ ୯ଟି କାର୍ଯ୍ୟ ଦିବସ ରହିବ ।ଏଥିମଧ୍ୟରୁ ଗୋଟିଏ ଛୁଟିଦିନ ଥିବା ବେଳେ ଦୁଇଦିନ ନୋ-ମିଟିଂ ଡେ ରହିଛି । ବିଭିନ୍ନ ପ୍ରସଙ୍ଗକୁନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ଟାର୍ଗେଟ କରିଥିବା ବେଳେ ସରକାର ମଧ୍ୟ ବିରୋଧୀଙ୍କୁ ସାମ୍ନା କରିବାକୁ ସଜାବାଜ ହେଉଥିବା ଜଣାପଡିଛି ।

# ଇରାନ ସହିତ ୧୧୯ ନିୟୁତ ଡଲାରର ତୈଳ ଚୁକ୍ତି ପଡ଼ିଲା ମହଙ୍ଗା :

## ୪ ଭାରତୀୟ କମ୍ପାନି ଏବଂ ୩ ବ୍ୟକ୍ତି ବିଶେଷ କଳାତାଲିକାଭୁକ୍ତ



ୱାସିଂଟନ,୨୬/୮: ଆମେରିକା ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ରାଜନୈତିକ ଉତ୍ତେଜନା ମଧ୍ୟରେ,ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଏହା ଅନ୍ତର୍ଗତ ଆମେରିକା ସରକାର ଇରାନର ଆର୍ଥିକ ଉତ୍ସ ବନ୍ଦ କରିବା ପାଇଁ ଚାରିଟି ଭାରତୀୟ କମ୍ପାନି ଉପରେ ପ୍ରତିବନ୍ଧକ ଘୋଷଣା କରିଛି । ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଂଟ ତେହେରାନକୁ ଆର୍ଥିକ ଭାବରେ ଏକଘରିକିଆ କରିବା ପାଇଁ ଏକ କଠୋର ନୂତନ ବିଶ୍ୱ ଅଭିଯାନ ଆରମ୍ଭ କରିଛନ୍ତି । ଇରାନକୁ ତେଲ ବାଣିଜ୍ୟରୁ ମିଳୁଥିବା ବିପୁଳ ରାଜସ୍ୱକୁ ରୋକିବା ପାଇଁ ଭାରତୀୟ କମ୍ପାନିଗୁଡ଼ିକୁ କଳାତାଲିକାଭୁକ୍ତ କରାଯାଇଛି । ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ଟମି ପିଗଟ୍‌ଙ୍କ ଅନୁଯାୟୀ, ଏହି ଭାରତୀୟ କମ୍ପାନିଗୁଡ଼ିକ ଇରାନରୁ ଅଶୋଧିତ ତୈଳ ଏବଂ ପେଟ୍ରୋକେମିକାଲ୍ ଉତ୍ପାଦର ବେଆଇନ ଆମଦାନିରେ ସାମିଲ ଅଛନ୍ତି । ଅଭିଯୋଗ ହୋଇଛି ଯେ, ଏହି କମ୍ପାନିଗୁଡ଼ିକ ଇରାନର ରାଷ୍ଟ୍ରାୟତ ତୈଳ ନେଟୱାର୍କ ସହିତ ମିଳିତ ଭାବରେ ପ୍ରାୟ ୧୧୯ ନିୟୁତ ଡଲାର ମୂଲ୍ୟର ବାଣିଜ୍ୟ କାରବାର କରିଥିଲେ । ଏହି କାର୍ଯ୍ୟାନୁଷ୍ଠାନରେ କମ୍ପାନିଗୁଡ଼ିକ ସହିତ ଜଡିତ ଭାରତୀୟ ନାଗରିକମାନଙ୍କୁ ମଧ୍ୟ ଟାର୍ଗେଟ କରାଯାଇଛି । ଆମେରିକାର ଏହି ନିଷ୍ପତି ପରଠାରୁ, ଭାରତୀୟ ବଜାରରେ ସଙ୍କଟ ବଢ଼ିବାରେ ଲାଗିଛି । ଆମେରିକାର ବିଦେଶ ବିଭାଗ ଅନୁଯାୟୀ, ଏହି ବେଆଇନ କାରବାରରେ ସଦାଶିବ ଓଭରସିଜ୍, ପିପି ସଫ୍ଟଟେକ୍, ପ୍ରକୃତିସ୍ ଇନଫ୍ରା, ଏବଂ କଷ୍ଟମ୍ସ ବ୍ରୋକର୍ ପୋର୍ଟେଜ୍ ପାର୍ଟନର୍ସ ଏଲଏଲପି ଆଦି ଚାରୋଟି ଭାରତୀୟ କମ୍ପାନି ସିଧାସଳଖ ସମ୍ପୃକ୍ତ ଅଛନ୍ତି । ସେଥିମଧ୍ୟରୁ, ସଦାଶିବ ଓଭରସିଜ୍ ଲିମିଟେଡ୍ ଫେବ୍ରୁଆରି ୨୦୨୪ ରୁ ଜୁନ୍ ୨୦୨୫ ମଧ୍ୟରେ ଇରାନରୁ ପ୍ରାୟ ୬୯ ନିୟୁତ ଡଲାର ମୂଲ୍ୟର ତେଲ ଆମଦାନି କରିଥିଲା । ପିପି ସଫ୍ଟଟେକ୍ ଏବଂ ପ୍ରକୃତିସ ଇନଫ୍ରା ମଧ୍ୟ ଇରାନର ରାଷ୍ଟ୍ରାୟନ ତୈଳ ନେଟୱାର୍କରୁ ପ୍ରାୟ ୨୫ ନିୟୁତ ଡଲାର ମୂଲ୍ୟର ପେଟ୍ରୋଲିୟମ୍ ଉତ୍ପାଦ କିଣିଥିଲା । ଏହା ସହିତ, ପୋର୍ଟେଜ୍ ପାର୍ଟନର୍ସ ଏଲଏଲପି ବିରୋଧରେ ଇରାନରୁ ଭାରତକୁ ଅନେକ ପେଟ୍ରୋକେମିକାଲ୍ ଉତ୍ପାଦର ପଠାଣକୁ ସହଜ କରିବା ପାଇଁ କଷ୍ଟମ୍ସ ବ୍ରୋକର ଭାବରେ କାର୍ଯ୍ୟ କରିବାର ଅଭିଯୋଗ ରହିଛି । କାର୍ଯ୍ୟାନୁଷ୍ଠାନରେ ଟାର୍ଗେଟ ହୋଇଥିବା ତିନି ଜଣ ଭାରତୀୟ ନାଗରିକଙ୍କ ମଧ୍ୟରେ ପୋର୍ଟେଜ୍ ପାର୍ଟନରର ଇଦ୍ରିସମିୟା ଆଶ୍ରଫମିଆଁ ଶେଖ୍ ଏବଂ ହରିଶ ରାମଚନ୍ଦ୍ର ରଙ୍ଗ ଅଛନ୍ତି । ପିପି ସଫ୍ଟଟେକର ନିର୍ଦ୍ଦେଶକ ପ୍ରଶାନ୍ତ ଗର୍ଗଙ୍କୁ ମଧ୍ୟ ଜାଣିଶୁଣି ଏହି ବେଆଇନ ତୈଳ ବାଣିଜ୍ୟରେ ଲିପ୍ତ ରହିଥିବା ଯୋଗୁଁ ଆମେରିକାର ବୈଦେଶିକ ବିଭାଗ ଦ୍ୱାରା କଳାତାଲିକାଭୁକ୍ତ କରାଯାଇଛି । ଟ୍ରମ୍ପ ପ୍ରଶାସନ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତେହେରାନ ସହିତ ସେମାନଙ୍କର ବାଣିଜ୍ୟ ସମ୍ପର୍କ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରିବାକୁ ଚେତାବନୀ ଦେଇଛନ୍ତି ।




## କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


# ବ୍ରହ୍ମାକୁମାରୀଙ୍କ ରକ୍ତଦାନ



କେନ୍ଦୁଝର,୨୬/୮(ନି/ପ୍ର): କେନ୍ଦୁଝର ସହରସ୍ଥ ବ୍ରହ୍ମାକୁମାରୀ ଈଶ୍ୱରୀୟବିଶ୍ୱବିଦ୍ୟାଳୟ ଶାନ୍ତି ସରୋବର ରେ ଆଜି ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇ ୫୪ ୟୁନିଟ ରକ୍ତ ସଂଗୃହୀତ କରାଯାଇ ଜିଲ୍ଲାରକ୍ତକେନ୍ଦ୍ରକୁ ମାନବକଲ୍ୟାଣ ନିମନ୍ତେ ପ୍ରେରଣ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ଧନେଶ୍ୱର ସେଠୀ ,ଓ୍ୱାଟକୋ ଜେନେରାଲ ମ୍ୟାନେଜର ରମେଶ କୁମାର ସିଂ ,କେନ୍ଦ୍ର ମୁଖ୍ୟ ବ୍ରହ୍ମାକୁମାରୀ ଭଉଣୀ ବିନ୍ଦୁ ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦ୍ଘାଟନ କରିଥିଲେ, ଜିଲ୍ଲା ବନଖଣ୍ଡ ତତ୍ତ୍ୱାବଧାରକ ଧନରାଜ ଏଚଡି, ଧରଣୀଧର ବିଶ୍ୱବିଦ୍ୟାଳୟ କୁଳସଚୀବ ପ୍ରତିଭାପୃଷ୍ଟି ଉପସ୍ଥିତ ରହି ରକ୍ତଦାତାଙ୍କୁ ପ୍ରେରଣା ପ୍ରଦାନ କରିଥିଲେ, ଭଉଣୀ ଜୟନ୍ତୀଥାଟୋଇ, ସ୍ୱାତି,ମିନତୀ ଦୟାନିଧି ପ୍ରମୁଖ ଶିବିର ପରିଚାଳନା କରିଥିଲେ ,ସମାଜସେବୀ ଭକ୍ତବତ୍ସଳ ମହାନ୍ତି , ଜିଲ୍ଲା ରକ୍ତକେନ୍ଦ୍ର ସମ୍ପାଦକ ଏଆରଖାନ ,ପିଆରଓ ଅକ୍ଷୟସାହୁ, ଗୌରିଆଙ୍କର ମଲ୍ଲିକ , ଟୁଲୁ ମହାନ୍ତ,ଶଙ୍କର ନାଏକ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ ।



ଲଗାଣ ଯୋଗୁଁ ଯୋଡ଼ା ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି, ବର୍ଷାପାଣି ଘରେ ପଶିଯାଇଛି

## ତୁରେକେଲା ବ୍ଲକ ବିଦ୍ୟାଳୟ କ୍ରୀଡ଼ା ସଂସଦର ସାଧାରଣ ବୈଠକ

ବଲାଙ୍ଗୀର,୨୬/୮(ନି/ପ୍ର): ତୁରେକେଲା ବ୍ଲକ ବିଦ୍ୟାଳୟ କ୍ରୀଡ଼ା ସଂସଦର ସାଧାରଣ ବୈଠକ ହିଆଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ବ୍ଲକ ସମ୍ପାଦକ ଶୁଭେନ୍ଦୁ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହିଆଲ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଂଚି ନାରାୟଣ ଦାଶ, ଯୁଧିଷ୍ଠିର ଭରାସଗ୍ରିଆ, ପ୍ରଧାନ ଶିକ୍ଷକ, ହିଆଲ ଉଚ୍ଚ ବିଦ୍ୟାଳୟ, ରାଜେନ୍ଦ୍ର ଦୋରା, ପ୍ରଧାନ ଶିକ୍ଷକ, ରାମୋଡ ଉଚ୍ଚ ବିଦ୍ୟାଳୟ ଅତିଥି ଭାବରେ ଯୋଗ ଦେଇଥିଲେ । ମା’ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ଅତିଥିମାନଙ୍କୁ ପୁଷ୍ପମାଲ୍ୟ, ବେଚ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ବୈଠକରେ ହିଆଲ ବିଦ୍ୟାଳୟକୁ ଜୋନାଲ ଦୁଇର କାର୍ଯ୍ୟାଳୟ ଘୋଷଣା କରାଯାଇଥିଲା । ତା’ପରେ ଜୋନାଲ ସ୍ତରରେ ବିଭିନ୍ନ ପ୍ରକାରର କ୍ରୀଡ଼ା କରିବା ପାଇଁ ଏକ ଜୋନାଲ ସ୍ତରୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା । କମିଟିରେ ଯୁଧିଷ୍ଠିର ଭରାସଗ୍ରିଆ, ସଭାପତି, ଆନନ୍ଦ ମିର୍ଦ୍ଧା, ସମ୍ପାଦକ, ବିରଂଚି ନାରାୟଣ ଦାଶ, ହିଆଲ ସିଆର୍ସିସି, ରାଜେନ୍ଦ୍ର ଦୋରା, ଗୌର ମେହେର, ଉମା ଶଙ୍କର ଖମାରୀ, ଅଙ୍କୁର ବେହେରାଙ୍କୁ କାର୍ଯ୍ୟକାରିଣୀ ସଭ୍ୟ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଏହି ବୈଠକରେ ୧୯ ଗୋଟି ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ଶିକ୍ଷକ ମନୋଜ ମହାପାତ୍ର, ଇପ୍ସିତ ପ୍ରଧାନୀ, ଆଶିଷ କୁମାର ବେହେରା, ଗୌରୀଶଙ୍କର ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ ଓ ଶିକ୍ଷୟିତ୍ରୀ ମମତା ପଣ୍ଡା ସହଯୋଗ କରିଥିଲେ ।

## ଚମ୍ପୁଆ ବଜାରର ନିୟନ୍ତ୍ରିତ ବଜାର କମିଟି ଗୃହ ମରାମତି କେବେ ?

ଚମ୍ପୁଆ,୨୬/୮(ନି/ପ୍ର):ଚମ୍ପୁଆ ବଜାରର ନିୟନ୍ତ୍ରିତ ବଜାର କମିଟି ଗୃହ ଥାନା ସମ୍ମୁଖ, ଗାନ୍ଧି ଛକ ଏବଂ ଦୈନିକ ବଜାରର ହାଟ ପିଣ୍ଡି ଆଦି ମରାମତି ଦାବି ହୋଇଛି । ଦୀର୍ଘ ଦିନରୁ ଏହି ଦାବିହୋଇ ଆସୁଥିଲେ ହେଁ ଏଥିପ୍ରତି କାହାର ଦୃଷ୍ଟି ନାହିଁ । ହାଟ ପିଣ୍ଡି ତଥା ଦୋକାନ ଗୃହଗୁଡ଼ିକର ଛାତଗୁଡ଼ିକ କଣା ହୋଇଯିବା ସହିତ ଛାତର ସିଲିଂ ରଡ଼ ଦେଖାଯାଉଛି । ପ୍ଲାଷ୍ଟର ଅତଡ଼ା ଖସି ବହୁବାର ଲୋକଙ୍କର ଉପରେ ମଧ୍ୟ ପଡୁଛି । ସେହି ସ୍ଥାନମାନଙ୍କରେ ଲୋକମାନେ ବ୍ୟବହାର କରୁଛନ୍ତି । ଦୈନିକ ଶହଶହ ଲୋକ ସେହି ସ୍ଥାନଗୁଡ଼ିକରେ ଯାଆସ କରୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବା ଦୁର୍ଭାଗ୍ୟ ଜନକ । ସୂଚନାଯୋଗ୍ୟକି ଗତ କିଛିଦିନ ତଳେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ ଟେଣ୍ଡର କରିବେ ବୋଲି କହିଥିଲେ । ମାତ୍ର ଟେଣ୍ଡର କେହି ପକାଇଲେ ନାହିଁ ବୋଲି ତାହା ମରାମତି ହୋଇନାହିଁ ବୋଲି ସଫେଇ ଦେଇଛନ୍ତି । ତେବେ ବର୍ଷାଦିନ ଗଲେ ଆମେ ଟେଣ୍ଡର କରିବୁ ବୋଲି କହିଛନ୍ତି । ଚମ୍ପୁଆ ବଜାରର ଥାନା ଛକ, ଗାନ୍ଧିଛକ, ଦୈନିକ ବଜାର ଆଦି ତିନି ଗୋଟି ସ୍ଥାନର ଅବସ୍ଥା ଅତି ଦୟନିୟ ସ୍ଥିତିରେ ରହିଅଛି । କୌଣସି ବି ସମୟରେ ବିପଦକୁ ଏଡ଼ାଇ ଦିଆଯାଇ ନପାରେ । ତୁରନ୍ତ ଏ ଦିଗରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ମରାମତି କରିବାକୁ ଦାବି ହେଉଛି ।

# ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ପାଳିତ

ଭୁବନେଶ୍ୱର,୨୬/୮(ନି/ପ୍ର): ପାପଡ଼ାହାଣ୍ଡିର ସହିଦ ମିନାର ସ୍ତମ୍ଭ ଆଜି ଦେଶପ୍ରେମ, ଜାତିପ୍ରେମର ନିଦର୍ଶନ ବହନ କରୁଛି । ବ୍ରିଟିଶ ସରକାରଙ୍କ ନିରୀହ ଜନଜାତିର ଲୋକମାନଙ୍କ ଉପରେ ଦମନଲୀଳା ସେ ସମୟର ବର୍ବୋରଚିତ କାଣ୍ଡ ଭାବେ କଳା ଅକ୍ଷରରେ ଲିପିବଦ୍ଧ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି ପ୍ରକାଶ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଢାଲି କହିଲେ ଯେ ଭାରତଛାଡ଼ ଆନ୍ଦୋଳନର ସ୍ୱର ପାପଡ଼ାହାଣ୍ଡିରେ ତୀବ୍ର ଭାବେ ଗୁଞ୍ଜରିତ ହୋଇଥିଲା । ଏହି ସଂଗ୍ରାମୀମାନଙ୍କ ବଳିଦାନର ଭିତିଭୂମି ଉପରେ ଆମ ଦେଶ ଭାରତବର୍ଷ ଠିଆ ହୋଇଛି ଏବଂ ଆମେ ସ୍ୱାଧୀନତାର ଆନନ୍ଦ ନେଉଛେ ବୋଲି ସେ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟିକା ତଥା ସମାଜସେବୀ ବୃନ୍ଦାବତୀ ସାହୁ ପାପଡ଼ାହାଣ୍ଡିର ତୁରୀ ନଦୀ ତଟରେ ସଂଘଟିତ ଏହି ବର୍ବରୋଚିତ ଗୁଳିକାଣ୍ଡ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଇଂରେଜଙ୍କ ଅମାନୁଷିକ ଗୁଳିକାଣ୍ଡରେ ୧୯ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ । ତେଣୁ ଏହାକୁ ରକ୍ତତୀର୍ଥ ପାପଡ଼ାହାଣ୍ଡି କୁହାଯାଏ । ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରି ପାପଡ଼ାହାଣ୍ଡି ସଂଗ୍ରାମର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଆତ୍ମୋତ୍ସର୍ଗ ବଳରେ ଆମେ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ ବୋଲି ପ୍ରକାଶ କରିଥିଲେ । ସ୍ୱାଧୀନତା ନିମନ୍ତେ ନବରଙ୍ଗପୁର ପରି ଏକ ଆଦିବାସୀବହୁଳ ଅଂଚଳର ଜନସାଧାରଣ ଯେପରି ତ୍ୟାଗ ସ୍ୱୀକାର କରିଥିଲେ ତାହା ଉତରପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ବୋଲି ସେ ଉଲ୍ଲେଖ କରିଥିଲେ । ଶବରୀ ସାଂସ୍କୃତିକ ସଂସଦର ସଦସ୍ୟ ଶ୍ରୀ ହୃଦୟ ରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ବହୁ ଅଧିକାରୀ, ଶବରୀ ସାଂସ୍କୃତିକ ସଂସଦର ସମ୍ପାଦକ ଶ୍ରୀ ନୀଳମାଧବ ଦାଶ ଓ ଅନ୍ୟ କର୍ମକର୍ତା ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଚମ୍ପୁଆ ବଜାରରୁ ଗାଈ ଚୋରି ଅଭିଯୋଗ

ଚମ୍ପୁଆ,୨୬/୮(ନି/ପ୍ର):ଚମ୍ପୁଆ ସ୍ଥିତ ମୌଲାନାଗୋଡ଼ା ଛକ ନିକଟରୁ ଏକ ଗାଈ ଚୋରୀ ହୋଇଯାଇଥିବା ଅଭିଯୋଗ ହୋଇଛି । ମୌଲାନାଗୋଡ଼ାର ଏମ୍‌ଡି ନିଜାମୁଦ୍ଦିନଙ୍କର ଏକ ଗାଈ ୩ ଜଣ ଦୁର୍ବୃର୍ତ୍ତ ଏକ ଗାଡ଼ିରେ ଆସି ରାତି ପ୍ରାୟ ୧.୩୦ ମିନିଟ୍ ସମୟରେ ଗାଈକୁ ନେଇଯାଇଥିବା ଅଭିଯୋଗ ହୋଇଛି । ଗାଈଟିର ମୂଲ୍ୟ ୨୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି । ତେବେ ପୂର୍ବରୁ ମଧ୍ୟ ତଦନୁରୂପ ଗାଈ ଚୋରୀ ଏହି ଅଂଚଳର ଏକ ନିତି ଦିନିଆ ଘଟଣା । ଚମ୍ପୁଆ ବଜାର ଅଂଚଳରୁ ଏବଂ ଗ୍ରାମାଂଚଳରୁ ମଧ୍ୟ ସମୟ ସମୟରେ ଏହି ଲୁଟେରା ଦଳ ବୋଲେରୋ ଏବଂ ସ୍କର୍ପିଓ ଯୋଗେ ଚୋରୀ କରୁଥିବା ନଜିର ରହିଛି । ଏଦିଗରେ ଜିଲା ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି । ସୂଚନାଯୋଗ୍ୟକି ଚମ୍ପୁଆ ସହରାଂଚଳରେ ରାତ୍ରୀକାଳିନ ପେଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ସହିତ ଏକ ରାତ୍ରୀକାଳିନ ପୁଲିସ ଫାଣ୍ଡି ନିର୍ମାଣ କରିବାକୁ ଦାବୀ ହୋଇ ଆସୁଅଛି ।

## ପାତାଳଗଙ୍ଗାରେ ଶେଷ ସୋମବାରରେ ଭକ୍ତଙ୍କ ପ୍ରବଳ ଭିଡ଼

ନୂଆପଡ଼ା,୨୬/୮(ନି/ପ୍ର):ନୂଆପଡ଼ା ଜିଲ୍ଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ପାତାଳଗଙ୍ଗାରେ ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ କଳାହାଣ୍ଡି, ବଲାଙ୍ଗୀର ସମେତ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ବହୁ ଶ୍ରଦ୍ଧାଳୁ ଏଠାରେ ସମାଗମ ହୋଇଥିଲେ । ଭକ୍ତମାନେ ପାତାଳଗଙ୍ଗାର ପବିତ୍ର ଜଳ ସଂଗ୍ରହ କରି ମହାପ୍ରଭୁ ଶିବଙ୍କୁ ଜଳାଭିଷେକ କରିଥିଲେ । ଏଥିସହ ଏହି ପବିତ୍ର ଜଳ ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠ ଓ ଦେବାଳୟରେ ଜଳାଭିଷେକ କରିବା ପାଇଁ ଶତାଧିକ ଭକ୍ତ ଯାତ୍ରା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପାଣ୍ଠିରୁ ଆସିଥିବା ରିଲିଫ୍ ହୋଇଗଲା ଚୋରି



ଦଶରଥପୁର,୨୬/୮(ନି/ପ୍ର): ବନ୍ୟା ବିପନ୍ନଙ୍କ ସହାୟତା ପାଇଁ ଆସିଥିବା ରିଲିଫ ସାମଗ୍ରୀ ବୋଝେଇ ଟ୍ରକ୍ ରୁ ଚୋରି ହୋଇଥିବା ନେଇ ଦଶରଥପୁର ଥାନାରେ ଅଭିଯୋଗ ହୋଇଛି । ଆଜି ଦଶରଥପୁର ବ୍ଲକ ଜନଶୁଣାଣୀ ଶିବିରରେ ଦଶରଥପୁର ପଚାଂୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ଏନେଇ ଜିଲ୍ଲାପାଳ ଅମ୍ବର କୁମାର କର ଓ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ଦେଇ ଘଟଣାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଅଭିଯୋଗ ଅନୁଯାୟୀ ଦଶରଥପୁର ବ୍ଲକ ଅଚଂଳବାସୀ ଦୀର୍ଘଦିନ ଧରି ବନ୍ୟାରେ ପ୍ରଭାବିତ ହୋଇ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କହୁଛନ୍ତି । ବିପନ୍ନଙ୍କ ନିମନ୍ତେ ବିଭିନ୍ନ ସଂସ୍ଥା ପକ୍ଷରୁ ରିଲିଫ ସାମଗ୍ରୀ ଦଶରଥପୁର ବନ୍ୟା ପ୍ରଭାବିତ ପଚାଂୟତ ମାନଙ୍କରେ ବଟାଂ ଯାଉଛି । ଏହି କ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ସହାୟତା ପାଣ୍ଠିର ନାମ ଓ ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା କିଛି ରିଲିଫ ବୋଝେଇ ଟ୍ରକ୍ ଦଶରଥପୁର ବ୍ଲକ ଅଭିମୁଖେ ଆସିଥିବା ଦେଖାଯାଇଥିଲା । ତେବେ ଟ୍ରକ୍‌ଗୁଡ଼ିକ ବ୍ଲକର କୌଣସି ସରକାରୀ ସ୍ଥାନରେ ଆଜି ସୁଦ୍ଧା ପହଚିଂନଥିବା ଅଭିଯୋଗ ହୋଇଛି । ଫଳରେ ବନ୍ୟା ବିପନ୍ନଙ୍କ ପାଇଁ ଆସିଥିବା ରିଲିଫ ସାମଗ୍ରୀ କେଉଁଠାକୁ ଗଲା ଏବଂ ଏହା ପଛରେ କାହାର ହାତ ଅଛି,ତାକୁ ନେଇ ପ୍ରଶ୍ନ ଉଠିଛି ।ଅଭିଯୋଗକାରୀ ମଲ୍ଲିକ ରିଲିଫ ସାମଗ୍ରୀର ଗତିପଥ ଓ ଟ୍ରକ୍‌ଗୁଡ଼ିକର ଅବସ୍ଥିତି ସମ୍ପର୍କରେ ତୁରନ୍ତ ତଦନ୍ତ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ୍ ପାଣ୍ଠିର ସାମଗ୍ରୀ ଉଦ୍ଧାର କରି ବନ୍ୟା ବିପନ୍ନଙ୍କ ନିକଟରେ ପହଚାଂଇ ସୁଚାରୁରୂପେ ଏହାର ବଟଂନ ପାଇଁ ଦାବି କରିଛନ୍ତି । ଏ ନେଇ ୨୦ଟି ପଚାଂୟତର ସରପଚଂ ଓ ଜିଲ୍ଲା ପରିଷଦର ସଭ୍ୟାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ପୂଜ୍ୟପୂଜା ସେବା ସଂଗଠନର ଏକବିଂଶତମ ପ୍ରତିଷ୍ଠା ଦିବସ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଏକତିରିଶ ତମ ଶ୍ରାଦ୍ଧ ଦିବସ ପାଳନ

ବଲାଙ୍ଗୀର,୨୬/୮(ନି/ପ୍ର): ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୂଜ୍ୟପୂଜା ସେବା ସଂଗଠନର ଏକବିଂଶତମ ପ୍ରତିଷ୍ଠା ଦିବସ ଏବଂ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଅନାଥଙ୍କ ମାଆ ପାର୍ବତୀ ଗିରିଙ୍କ ଏକତିରିଶ ତମ ଶ୍ରାଦ୍ଧ ଉତ୍ସବ ରାଧାକୃଷ୍ଣ ମନ୍ଦିର ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେରେ ପାର୍ବଣରେ ଅବସରପ୍ରାପ୍ତ ସାମରିକ ଅଧିକାରୀ କର୍ଣ୍ଣେଲ ବିଶ୍ୱଜିତ ଦାସ ମୁଖ୍ୟଅତିଥି ଏବଂ ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଡ. ପ୍ରେମଚାନ୍ଦ ମହାନ୍ତି ଏବଂ ଉପଦେଷ୍ଟା ଜଗଦାନନ୍ଦ ଛୁରିଆ ତାଙ୍କ ବକ୍ତବ୍ୟରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୀବନଦର୍ଶ ଉପରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଶ୍ରୀ ଦାସ ସମାଜରୁ ଦୁର୍ନିତିକୁ ହଟାଇ ଏକ ସୁନ୍ଦର ଓ ଦୁର୍ନିତିମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ଝାଙ୍କର ଅମୃତମୟ ସମାଜ ଗଠନରେ ନାରୀ ବିଷୟରେ ବକ୍ତବ୍ୟ ରଖି କହିଥିଲେ ଯେ ନାରୀକୁ ଆମେ ଯଥେଷ୍ଟ ସୁରକ୍ଷା ଦେଇ ପାରିଲେ ନାରୀ ନିଜେ ସ୍ୱୟଂସିଦ୍ଧା ହୋଇ ଆଗକୁ ବଢ଼ି ସମାଜକୁ ଅମୃତମୟ କରିପାରିବ ଏବଂ ନାରୀ ପ୍ରଗତି ବିନା ସମାଜ ସମୃଦ୍ଧ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିପାଇଁ ଅନାଥର ମାଆ ପାର୍ବତୀ ଗିରିଙ୍କୁ ବୁଝିବାକୁ ପଡ଼ିବ ବୋଲି କହିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ମଦନ ମୋହନ ରଥ ସଂଗଠନର ୨୧ ବର୍ଷ ଜୟଯାତ୍ରା ସମ୍ପର୍କରେ କହିଥିଲେ । ସମ୍ପାଦକ ସୁନାଧର ବନଛୋର ବାର୍ଷିକ ବିବରଣୀ ପଠନ କରିଥିଲେ । ସଭାକୁ ମଧୁ ସାହୁ ପରିଚାଳନା କରିଥିଲେ । ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା ଓ ଅତିଥି ପରିଚୟ କବି ରତ୍ନମୟ ତ୍ରିପାଠୀ କରିଥିଲେ । ବିଶିଷ୍ଟ ସଂସ୍କୃତି ଗବେଷଣ ଡ. ଘାସିରାମ ମିଶ୍ରଙ୍କୁ ମର୍ଯ୍ୟାଦାଜନକ ବହ୍ନିକନ୍ୟା ପାର୍ବତି ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ସୁରଜିତ କୁମାର ନାଏକ, ସୌମେନ୍ଦ୍ର ବାରିକ, ଡା. ଦାମୋଦର ମିଶ୍ର, ଜ୍ୟୋତି ପ୍ରକାଶ ଗଡ଼ତ୍ୟା, ରାତ୍ର ବିଶ୍ୱାଳ, ସତ୍ୟବାଦୀ ନାଏକ, ଡା. କୃଷ୍ଣପ୍ରସାଦ ମିଶ୍ର, ଡ. ବି.ଏନ୍. ଶ୍ରୀକାନ୍ତ ପଟ୍ଟନାୟକ, ଅଜୟ ଅମର ସିଂଦେଓ, ସୁରେନ୍ଦ୍ର କୁମାର ପଟେଲ, ଦେବୀପଚାନ୍ଦ ବେହେରା, ପୁରନ୍ଦର ଗଡ଼ତ୍ୟା, ଶରତ ଚନ୍ଦ୍ର ଶତପଥି ଓ କବି ସନ୍ଦୀପ କୁମାର କୁଅଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଅତିଥିମାନେ ପାର୍ବତୀ ଗିରି ସେବା ସମ୍ମାନ ୨୦୨୬ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେବ ପ୍ରସାଦ ମହାନ୍ତି, ପ୍ରଦୀପ ପଶାୟତ, କପିଳ ପତି, ଚୁଡ଼େନ୍ଦ୍ର ବେହେରା, ଦୁର୍ଗା ସାହୁ, ଶୁଭେନ୍ଦ୍ର ନେପାକ, ସୀତାଂଶୁ ନାୟକ, ରଶ୍ମିତା ପାତ୍ର, ଅରୁଣ ଖୁଆସ, ନନ୍ଦିନୀପ୍ରଭା ଶତପଥି, ସୁରଥ ସାହୁ, ନିରୁପମା ମିଶ୍ର, ପ୍ରଶାନ୍ତ ଷଡ଼ଙ୍ଗୀ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଗୋପାଳଜୀ ଚୌଧୁରି, ମାଳତି ଉଦ୍‌ଗାତା, ଅର୍ଚ୍ଚନା ମିଶ୍ର, ଶାନ୍ତନୁ ମିଶ୍ର, ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ସତ୍ୟବନ୍ତ ବେଦବାକ, ଡ. ଭବାନୀ ଶଙ୍କର ପଟେଲ, ସଂଯୁକ୍ତା ମିଶ୍ର, ମିନାକ୍ଷୀ ଗୁରୁ ଓ ସୌଦାମିନୀ ମିଶ୍ର ।

## ଧରଣୀଧରର ବିଶ୍ୱବିଦ୍ୟାଳୟ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଏବିଭିପିର ଦାବିପତ୍ର

କେନ୍ଦୁଝର,୨୬/୮(ନି/ପ୍ର): ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦୁଝର ଜିଲ୍ଲା ପକ୍ଷରୁ ଧରଣୀଧର ବିଶ୍ୱବିଦ୍ୟାଳୟରେ ମାନନୀୟ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ବିଶ୍ୱବିଦ୍ୟାଳୟ ର କୁଳପତିଙ୍କ ଜରିଆରେ ଛାତ୍ର ସଂସଦ ନିର୍ବାଚନର ତାରିଖ ଶୀଘ୍ର ଘୋଷଣା କରିବା ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର, ନେତୃତ୍ୱ ବିକାଶ ଓ ସୁସ୍ଥ ଶିକ୍ଷା ପରିବେଶ ଗଠନରେ ଛାତ୍ର ସଂସଦ ନିର୍ବାଚନର ଗୁରୁତ୍ୱ ରହିଥିବାରୁ ସରକାରୀ ନିୟମ ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ଶୀଘ୍ର ନିର୍ବାଚନ ତାରିଖ ଘୋଷଣା ଏବଂ ଆବଶ୍ୟକ ପରିଚାଳନା ସମିତି ଗଠନ କରିବାକୁ ପରିଷଦ ଦାବି କରିଛି । ଏହା ସହିତ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମୌଳିକ ସୁବିଧା ସୁନିଶ୍ଚିତ କରିବା



ପାଇଁ କ୍ୟାଟିଂନ୍ ବ୍ୟବସ୍ଥା, ଅଡିଟୋରିୟମ୍ ନିର୍ମାଣ, ସ୍ନାତକୋର ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ଓ ଛାତ୍ରୀନିବାସ, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ, ଇ-ଲାଇବ୍ରେରୀ ଓ ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ, ବଏଜ୍ କମନ୍ ରୁମ୍ ଏବଂ ଛାତ୍ରାବାସଗୁଡ଼ିକରେ ଉନ୍ନତ ସୁବିଧା ପ୍ରଦାନ ପାଇଁ ଦାବି କରାଯାଇଛି । ଛାତ୍ରାବାସ ଓ ଛାତ୍ରୀନିବାସରେ ବାଥରୁମ୍ ଏବଂ ଶୌଚାଳୟର ମରାମତି, ନିରବଚ୍ଛିନ୍ନ ଜଳ ଯୋଗାଣ, ସ୍ୱଚ୍ଛ ଓ ଗୁଣାତ୍ମକ ଖାଦ୍ୟ, ପର୍ଯ୍ୟାପ୍ତ ଆଲୋକୀକରଣ ଓ ପରିଷ୍କାର-ପରିଚ୍ଛନ୍ନତା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ବିଶ୍ୱବିଦ୍ୟାଳୟର ସମସ୍ତ ଶ୍ରେଣୀକକ୍ଷ, ପ୍ରବେଶ ପଥ ଓ କାର୍ଯ୍ୟାଳୟରେ ସିସିଟିଭି ବ୍ୟବସ୍ଥା, କ୍ଲାସରୁମ୍ର ପରିଷ୍କାର-ପରିଚ୍ଛନ୍ନତା, ପରିସରରେ ଡଷ୍ଟବିନ୍ ବ୍ୟବସ୍ଥା, ଆବଶ୍ୟକ ଅଧ୍ୟାପକ ନିଯୁକ୍ତି, ବିଶ୍ୱବିଦ୍ୟାଳୟର ସମସ୍ତ ବ୍ଲକ୍ରେ ପାନୀୟ ଜଳ ବ୍ୟବସ୍ଥା ଏବଂ ପୁରୁଣା କ୍ଲାସରୁମ୍ ଓ ଛାତ୍ରାବାସର ମରାମତି ଓ ଉନ୍ନତୀକରଣ ପାଇଁ ମଧ୍ୟ ଦାବି ରଖାଯାଇଛି । ଏଥିସହ ବିଶ୍ୱବିଦ୍ୟାଳୟ ପରିସରରେ ଅଧିକ ଶୌଚାଳୟ ନିର୍ମାଣ, ପୁରୁଣା ଶୌଚାଳୟର ମରାମତି, ଜାତୀୟ ଶିକ୍ଷାନୀତି ଅନୁଯାୟୀ ଆଧୁନିକ ପାଠ୍ୟ ଉପକରଣ ଓ ପ୍ରୟୋଗଶୀଳ ଶିକ୍ଷା ବ୍ୟବସ୍ଥା, ସମସ୍ତ ବ୍ଲକ୍ରେ ପ୍ରାଥମିକ ଚିକିତ୍ସା ସୁବିଧା ଏବଂ ପ୍ରତ୍ୟେକ ଛାତ୍ରୀନିବାସରେ ସାନିଟାରୀ ନ୍ୟାପକିନ୍ ଭେଣ୍ଡିଂ ମେସିନ୍ ସ୍ଥାପନ କରିବାକୁ ଦାବି କରାଯାଇଛି । ଏବିଭିପି କେନ୍ଦୁଝର ପକ୍ଷରୁ କୁହାଯାଇଛି ଯେ, ଛାତ୍ରଛାତ୍ରୀଙ୍କ ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ସୁବିଧା ସହ ଜଡ଼ିତ ଏହି ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ । ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଶିକ୍ଷା ପରିବେଶ ଅଧିକ ସୁଦୃଢ଼ ଓ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହୋଇପାରିବ ।

## ବାଇକ ଦୁର୍ଘଟଣା, ୧ ମୃତ; ୧ ଗୁରୁତର

ନୂଆପଡ଼ା,୨୬/୮: ଗୌଧସ ଜଳପ୍ରପାତ ଦେଖି ଘରକୁ ଫେରୁଥିବାବେଳେ ଧରମବନ୍ଧା ବ୍ରିଜ ନିକଟରେ ବାଇକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବକ ହେଲେ ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ଚଟରାଭଟା ଗ୍ରାମର ସୁବାଷ ପହଁରିଆ(୨୨) । ସେ ଅନ୍ୟ ଜଣେ ସାଥୀଙ୍କ ସହ ବାଇକ୍‌ରେ ଗୌଧସ ଜଳପ୍ରପାତ ଦେଖି ନିଜ ଘରକୁ ଫେରୁଥିବା ସମୟରେ ଧରମବନ୍ଧା ବ୍ରିଜ ନିକଟରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଘଟଣାସ୍ଥଳରେ ସୁବାଷଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ ।

# ଚିନ୍ଦାଗୁଡ଼ାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା,୨୬/୮(ନି/ପ୍ର): ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚିନ୍ଦାଗୁଡ଼ା ଗ୍ରାମ ପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଗ୍ରାମ ପଂଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରବାସ ରୋକିବା ସହ ଗ୍ରାମାଂଚଳରେ ଉପଲବ୍ଧ ରୋଜଗାର ଓ ଜୀବିକା ସୁଯୋଗର ସଦୁପଯୋଗ ନେଇ ଏହି ଶିବିରରେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ସ୍ଥାନୀୟ ସରପଂଚ ଜେମାମଣି ରଣାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗର ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଜନତାଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଓ କର୍ମନିଯୁକ୍ତିମୂଳକ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ‘ଝିଅ ପାଇଁ ଗଛଟିଏ’ଓ ‘ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ନବଜାତ କନ୍ୟାଶିଶୁ ରୁଦ୍ରାକ୍ଷୀ ରଣାଙ୍କୁ କୋଳରେ ଧରି ତାଙ୍କ ସୁସ୍ଥ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିଶୁର ପିତାମାତାଙ୍କୁ ବୃକ୍ଷଚାରା ଓ ଉପହାର ପ୍ରଦାନ କରିଥିଲେ । ‘ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ’ କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳାମାନଙ୍କୁ ଫଳ, ପନିପରିବା, ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଓ ଉପହାର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଛାତ୍ରୀମାନେ ଗୀତ ଓ ନୃତ୍ୟ ମାଧ୍ୟମରେ ବିଭିନ୍ନ ସଚେତନତା ବାର୍ତା ପ୍ରଦାନ କରିଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶ ନିଜ ଉଦ୍‌ବୋଧନରେ ପ୍ରବଳ ବର୍ଷା ସତ୍ତ୍ୱେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ବିବିଧା

## ଆଜିର ରାଶିଫଳ

ମେଷ: ଯୋଜନା ମୁତାବକ କାମ କରିବେ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

ବୃଷ: ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

ମିଥୁନ: କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରେ ଲାଭ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

କର୍କଟ: କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

ସିଂହ: କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କନ୍ୟା: ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ଅତିଥି ସତ୍କାର କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

ତୁଳା: ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

ବିଛା: କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ।

ଧନୁ: ଜୀବନସାଥୀଙ୍କଠାରୁ ଉପହାର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

ମକର: ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

କୁମ୍ଭ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି। ଦାନ ଧର୍ମ କରିବେ।

ମୀନ: ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

## ଆଜିର ଇତିହାସ

- ୧୭୮୯- ଫ୍ରାନ୍ସ ବିପ୍ଳବ ଆରମ୍ଭ।
- ୧୮୫୦- ମେସିନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ବରଫକୁ ସର୍ବସାଧାରଣରେ ପ୍ରଦର୍ଶନ କରାଗଲା।
- ୧୯୬୯- ଜୟପୁରରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ପାଖାପାଖି ୮୫ ଲୋକଙ୍କ ମୃତ୍ୟୁ।
- ୧୯୭୬- କାନାଡ଼ାରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୮୭- ତାଇୱାନ୍‌ରେ ଦୀର୍ଘ ୩୭ ବର୍ଷ ଧରି ଚାଲିଥିବା ମିଲିଟାରୀ ଶାସନର ଅନ୍ତ ଘଟିଲା।



## ଅନନ୍ୟ ଗାଁ

# ଛାତରେ ଚାଲନ୍ତି ଲୋକେ

ସାରା ବିଶ୍ୱରେ ଏପରି ଅନେକ ଗାଁ ଅଛି ଯାହା ନିଜର ପରମ୍ପରା, ପ୍ରାକୃତିକ ସୌନ୍ଦର୍ଯ୍ୟ କିମ୍ବା ରୀତିନୀତି ପାଇଁ ପ୍ରସିଦ୍ଧ। ଏମିତି ଏକ ନିଆରା ଗାଁ ହେଉଛି ଇରାନର ମସୁଲେହ। ଏହି ଗାଁ ସମ୍ପର୍କରେ ଖାସ୍ କଥାଟି ହେଉଛି ଯେ, ଏଠାରେ ଗୋଟିଏ ହେଲେ ବି ସଡ଼କ ନାହିଁ। ଏଠାରେ ନା କାର୍ ଚାଲେ ନା ବାଇକ୍। ଲୋକେ ଘରର ଛାତ ଉପରେ ଚାଲି ଚାଲି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆନ୍ତି। ଛାତଗୁଡ଼ିକ ହିଁ ସେମାନଙ୍କ ପାଇଁ ରାସ୍ତା, ବଜାର ଏବଂ ସାମାଜିକ କେନ୍ଦ୍ରର କାମ କରିଥାଏ। ମସୁଲେହ ଗାଁଟି ଏକ ପାହାଡ଼ିଆ ଢାଲୁ ସ୍ଥାନରେ ଗଢ଼ି ଉଠିଛି। ଘରଗୁଡ଼ିକ ପରସ୍ପର ଉପରେ ଏଭଳି ଭାବରେ ନିର୍ମାଣ କରାଯାଇଛି ଯେ, ତଳ ଘରର ଛାତ, ଉପର ଘର ପାଇଁ ଅଗଣା କିମ୍ବା ରାସ୍ତା ପାଲଟିଯାଏ। ଏଭଳି ଅନନ୍ୟ ସ୍ଥାପତ୍ୟ କଳା ଯୋଗୁଁ ଏହାକୁ 'ଛାତ ଗାଁ' କୁହାଯାଏ। ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଟି ସ୍ୱର୍ଗ ସଦୃଶ। ଏଠାକାର ଘଞ୍ଚ ଜଙ୍ଗଲ, ଉଚ୍ଚ ପାହାଡ଼, ଘନ କୁହୁଡ଼ି ଏବଂ ପୁରୁଣା କୋଠାବାଡ଼ି ମିଶି ଏଠାକାର ପରିବେଶକୁ ବେଶ୍ ଆକର୍ଷଣୀୟ କରିଥାଏ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ଛାତ ଉପରେ ବୁଲନ୍ତି, ସ୍ଥାନୀୟ ହସ୍ତଶିଳ୍ପ ଦୋକାନରୁ ସାମଗ୍ରୀ କିଣନ୍ତି ଏବଂ ପାରମ୍ପରିକ ଇରାନୀ ଚା'ର ମଜା ନିଅନ୍ତି। ଦୋକାନ, କାଫେ ଏବଂ ଛୋଟ ଛୋଟ ରେଷ୍ଟୁରାଣ୍ଟଗୁଡ଼ିକ ଏହି ଛାତ ଉପରେ ହିଁ ଚାଲିଥାଏ। ମସୁଲେହ ଗାଁର ସ୍ଥାପନା ଶତାଧିକ ବର୍ଷ ତଳେ ହୋଇଥିଲା ବୋଲି କୁହାଯାଏ। ଏଠାକାର ଲୋକେ ଶହ ଶହ ବର୍ଷ ଧରି ଏହି ଶୈଳୀରେ ରହିଆସୁଛନ୍ତି। ଘରଗୁଡ଼ିକ ପଥର ଏବଂ ମାଟିରେ ତିଆରି ହୋଇଛି, ଯାହା ଶୀତ ଏବଂ ବର୍ଷା ଦୁଇଟି ଯାକରୁ ସୁରକ୍ଷା ଦେଇଥାଏ। ଗାଁଟି ମଧ୍ୟକୁ କୌଣସି ଗାଡ଼ି ପଶିପାରେ ନାହିଁ, କାରଣ ଏଠାରେ ରାସ୍ତା ହିଁ ନାହିଁ। ପର୍ଯ୍ୟଟକମାନେ କୁହନ୍ତି ଯେ, ଏଠାରେ ବୁଲିବା ପୂରାପୂରି ଏକ ପରୀ ରାଇଜର କାହାଣୀ ଭଳି ମନେହୁଏ। ସକାଳେ କୁହୁଡ଼ି ଘେରିଗଲେ ଏମିତି ଲାଗେ ସତେ ଯେମିତି ବାଦଲ ଉପରେ ଚାଲୁଛନ୍ତି। ସନ୍ଧ୍ୟାରେ ସୂର୍ଯ୍ୟାସ୍ତ ହେବା ସମୟରେ ସାରା ଗାଁ ସୁନେଲି ରଙ୍ଗରେ ରଙ୍ଗେଇ ହୋଇଯାଏ। ଫଟୋଗ୍ରାଫରମାନଙ୍କ ପାଇଁ ଏହି ସ୍ଥାନଟି ସ୍ୱର୍ଗ ସଦୃଶ। ଇରାନ ସରକାର ମସୁଲେହକୁ ଜାତୀୟ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିଛନ୍ତି। ଏଠାରେ ପର୍ଯ୍ୟଟନ ବୃଦ୍ଧି ପାଇଁ ବିଭିନ୍ନ ସୁବିଧା ସୁଯୋଗ ମଧ୍ୟ ବିକଶିତ କରାଯାଉଛି। ତଥାପି, ଗାଁଟି ନିଜର ମୂଳ ଗଠନକୁ ବଜାୟ ରଖିଛି। ସ୍ଥାନୀୟ ଲୋକେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରନ୍ତି ଏବଂ ସେମାନଙ୍କୁ ନିଜ ସଂସ୍କୃତି ସହିତ ପରିଚିତ କରାନ୍ତି। ମସୁଲେହ ସମ୍ପର୍କରେ ସବୁଠୁ ଖାସ୍ କଥାଟି ହେଉଛି ଯେ, ଏଠାକାର ଜୀବନ ସମ୍ପୂର୍ଣ୍ଣ ରୂପେ ପ୍ରକୃତି ସହିତ ସାମଞ୍ଜସ୍ୟ ରକ୍ଷା କରି ଚାଲିଥାଏ। ଏଠାରେ ନା ତ ବଡ଼ ବଡ଼ ନିର୍ମାଣ କାର୍ଯ୍ୟ ହେଉଛି, ନା ଆଧୁନିକ ରାସ୍ତାର ଜାଲ ବିଛାଯାଇଛି। ଲୋକେ ଏବେ ମଧ୍ୟ ପାରମ୍ପରିକ ଶୈଳୀରେ ବସବାସ କରୁଛନ୍ତି। ମହିଳାମାନେ ସ୍ଥାନୀୟ ହସ୍ତଶିଳ୍ପ ତିଆରି କରନ୍ତି ଏବଂ ପୁରୁଷମାନେ କୃଷି ଓ ପର୍ଯ୍ୟଟନ ସହ ଜଡ଼ିତ କାମ କରନ୍ତି। ବିଶ୍ୱର ବିଭିନ୍ନ ଦେଶରୁ ଲୋକମାନେ ବିଶେଷ କରି ମସୁଲେହ ବୁଲିବାକୁ ଆସନ୍ତି। କେହି କେହି ଏହାକୁ "ଛାତର ଗାଁ" ତ ଆଉ କେହି "ବାଦଲର ଗାଁ" ବୋଲି କୁହନ୍ତି।

# 'ମୈସା' ରଶ୍ମିକା ନିଜେ କଲେ ଷ୍ଟଣ୍ଟ



'କକଟେଲ୍ ୨' ପରେ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ତାଙ୍କର ଆଗାମୀ ଆକ୍ସନ୍ ଫିଲ୍ମ 'ମୈସା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହା ତାଙ୍କ କ୍ୟାରିୟରର ପ୍ରଥମ ଆକ୍ସନ୍-ଥ୍ରୀଲର ଫିଲ୍ମ ହେବ। ଏଥିପାଇଁ ସେ ସ୍ୱତନ୍ତ୍ର ଭାବେ ମାର୍ସାଲ ଆର୍ଟ ତାଲିମ ନେଉଛନ୍ତି। ଏହି ଫିଲ୍ମର ଏକ ଫାଇଟ୍ ସିନ୍ ପାଇଁ ନିକଟରେ ସେ ୨୦ ଘଣ୍ଟା ପାଣି ଭିତରେ ରହି ଚର୍ଚ୍ଚାକୁ ଆସିଛନ୍ତି। ଏହାକୁ ଭାରତୀୟ ଚଳଚ୍ଚିତ୍ର ଇତିହାସର ସର୍ବପ୍ରଥମ 'ଫିମେଲ୍-ଲିଡ୍ ଅଣ୍ଡରୱାଟର୍ ଫାଇଟ୍ ସିକ୍ୱେନ୍ସ' ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହିପରି ବିପଜ୍ଜନକ ସୁଟିଂ ପାଇଁ ସାଧାରଣତଃ ଡୁପ୍ଲିକେଟ୍ କଳାକାର ବା ଷ୍ଟଣ୍ଟମ୍ୟାନ୍‌ଙ୍କର ସାହାଯ୍ୟ ନିଆଯାଏ, କିନ୍ତୁ ରଶ୍ମିକା ବଡି ଡବଲ୍ ନେବାକୁ ମନା କରିଦେଇଥିଲେ ଏବଂ ନିଜେ ଏହାକୁ କରିଥିଲେ। ରଶ୍ମିକା ମାତ୍ର ଦୁଇ ଦିନର ସେଡ୍ୟୁଲ୍ ମଧ୍ୟରେ ପାଖାପାଖି ୨୦ ଘଣ୍ଟା ପାଣି ଭିତରେ ରହି ଏହାର ସୁଟିଂ ପୂରା କରିଥିଲେ। ଏହି ସୁଟିଂ ପାଇଁ ରଶ୍ମିକା ସ୍ପେଶାଲ୍ ଡାଇଭିଂ ଏବଂ ପାଣି ଭିତରେ ଶ୍ୱାସକ୍ରିୟା ନିୟନ୍ତ୍ରଣ କରିବା ଭଳି ଟ୍ରେନିଂ ନେଇଥିଲେ। ପ୍ରସିଦ୍ଧ ଆନ୍ତର୍ଜାତୀୟ ଷ୍ଟଣ୍ଟ କୋରିଓଗ୍ରାଫର ଆଣ୍ଡି ଲଙ୍ଗ୍ ଏବଂ ଆକ୍ସନ୍ ମାଷ୍ଟର କେଚା ଖାମ୍ପାକଡିଙ୍କ ତତ୍ତ୍ୱାବଧାନରେ ଏହି ଅଣ୍ଡରୱାଟର ଫାଇଟ୍ ସିନ୍ ସୁଟ୍ ହୋଇଛି। ଫିଲ୍ମର ନିର୍ଦ୍ଦେଶନା ରବୀନ୍ଦ୍ର ପୁଲ୍ଲେ ଦେଇଥିବାବେଳେ ଏହାର ପ୍ରଯୋଜନା ଦାୟିତ୍ୱରେ 'ଅନ୍‌ଫର୍ମୁଲା ଫିଲ୍ମସ୍' ରହିଛି। ଏହା ଆଦିବାସୀ ଅଞ୍ଚଳ ପୃଷ୍ଠଭୂମି ଉପରେ ଆଧାରିତ ଏକ ହାଇ-ଭୋଲଟେଜ୍ ଆକ୍ସନ୍ ଥ୍ରୀଲର ଫିଲ୍ମ ହେବ। ଏଥିରେ ରଶ୍ମିକା ଜଣେ ସାହସୀ ଆଦିବାସୀ ମହିଳା ଯୋଦ୍ଧା ଭୂମିକାରେ ନଜର ଆସିବେ। ଏହା ଅକ୍ଟୋବର, ୨୦୨୬ରେ ସିନେମାହଲ୍‌କୁ ଆସିବ।

## ଅଜବ ମଣିଷ

# ଗରମରେ ଲାଗେ ଥଣ୍ଡା, ଶୀତରେ ଲାଗେ ଗରମ

ଖରାଦିନେ ଗରମ ଏବଂ ଶୀତ ଦିନେ ଥଣ୍ଡା ଲାଗିବା ଶରୀରର ଏକ ସ୍ୱାଭାବିକ ପ୍ରକ୍ରିୟା। ତେବେ ମହେନ୍ଦ୍ରଗଡ଼ ଜିଲ୍ଲା ଡେରୋଲି ଅହିର ଗାଁରେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କି ଏହାର ବିପରୀତ ଅନୁଭବ କରନ୍ତି। ସେ ନିଜର ଏହି ଅଦ୍ଭୁତ ଶାରୀରିକ ସ୍ଥିତି ଯୋଗୁଁ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ସନ୍ତଲାଲଙ୍କ ଶରୀର ସାଧାରଣ ଲୋକଙ୍କ ସମ୍ପୂର୍ଣ୍ଣ ଓଲଟା କାମ କରିଥାଏ। ତାଙ୍କୁ ଖରାଦିନେ ପ୍ରବଳ ଥଣ୍ଡା ଏବଂ ଶୀତଦିନେ ପ୍ରବଳ ଗରମ ଅନୁଭୂତ ହୁଏ। ଯେତେବେଳେ ତାପମାତ୍ରା ୪୩ ରୁ ୪୫ ଡିଗ୍ରୀ ସେଲସିୟସ୍ ହୋଇଥାଏ, ସେତେବେଳେ ସେ ଦୁଇଟି ମୋଟା କମ୍ବଳ ଘୋଡ଼ାଇ ହୋଇ ଶୁଅନ୍ତି ଏବଂ ତାଙ୍କ ଶରୀରରୁ ଟିକେବି ଝାଳ ବାହାରେ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେ ଅନେକ ସମୟରେ ନିଆଁ ପାଖରେ ମଧ୍ୟ ବସିଥାନ୍ତି। ସେହିଭଳି ଶୀତଦିନର ପ୍ରବଳ ଜାଡ଼ରେ ଯେତେବେଳେ ଲୋକେ ଶୀତବସ୍ତ୍ର ପିନ୍ଧନ୍ତି, ସେତେବେଳେ ସେ ବରଫ ଉପରେ ଶୁଅନ୍ତି ଏବଂ ସକାଳୁ ପୋଖରୀର ଥଣ୍ଡା ପାଣିରେ ଗାଧାନ୍ତି। ଏନେଇ ଡାକ୍ତର ଏବଂ ବୈଜ୍ଞାନିକମାନଙ୍କ କହିବା କଥା, ତାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଠିକ୍ ଅଛି। ଅନୁମାନ କରାଯାଉଛି ଯେ, ତାଙ୍କ ମସ୍ତିଷ୍କରେ ଥିବା ଥର୍ମାଲ ସେଣ୍ଟର (ଶରୀରର ତାପମାତ୍ରା ନିୟନ୍ତ୍ରଣ କରୁଥିବା କେନ୍ଦ୍ର) ରେ କିଛି ସ୍ୱତନ୍ତ୍ର ପରିବର୍ତ୍ତନ ଯୋଗୁଁ ଏପରି ହେଉଥାଇପାରେ।



# ଭେଣ୍ଡିଫୁଲ ଝଡ଼ୁଥିଲେ ...

**ଭେଣ୍ଡି ଏକ ଲାଭଜନକ ଚାଷ। ଏହି ଚାଷ ଉତ୍ତମମାନର ମୃତ୍ତିକା, ପାଣିପାଗ, ଜଳ ସେଚନ ଉପରେ ନିର୍ଭରଶୀଳ। ତେବେ ମୃତ୍ତିକାରେ ଜଳାଭାବ ତଥା ପୋକ ଲାଗିବା ଦ୍ୱାରା ଫୁଲ ପରିପକ୍ୱ ହୋଇ ନ ପାରି ଝଡ଼ିପଡ଼େ। ତେଣୁ ଫୁଲ ଝଡ଼ିବାର ସଠିକ୍ କାରଣ ଜାଣି ଏହାର ପ୍ରତିକାର କରିବା ଆବଶ୍ୟକ।**



ବର୍ଷାଦିନେ ଧଳାମାଛି ପୋକ, ଅନ୍ୟାନ୍ୟ ରୋଗ, ପୋଷଣ ବା ଅଣୁସାର ଅଭାବରୁ ଭେଣ୍ଡି ଗଛରେ କଷି ଫୁଲ ଝଡ଼ି ପଡ଼ିଥାଏ। ଧଳାମାଛି ସୂକ୍ଷ୍ମ ଆକାରର କୀଟ, ଏହା ଗଛର ରସକୁ ଶୋଷିଥାଏ। ଏହାଦ୍ୱାରା ଗଛ ବଢ଼ି ନ ଥାଏ। ଫୁଲ ଓ ଫଳ ମଧ୍ୟ କମ୍ ଧରେ। ତେଣୁ ୨ରୁ ୩ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ପ୍ରତି କିଗ୍ରା ବିହନକୁ ଉପଚାର କରିବା ଜରୁରି। ଗଛକୁ ନିରୀକ୍ଷଣ କରି ୧୫ ଦିନ ଅନ୍ତରାଳରେ ବୋରାକ୍ସକୁ ଲିଟର ପିଛା ୨ରୁ ୨.୫ ଗ୍ରାମ୍ ପତ୍ର ସିଞ୍ଚନ କରି ପାରିବେ। ଯେଉଁ ସ୍ଥାନରେ ବର୍ଷା ହେଉନାହିଁ, ସେଠାରେ ଜଳ ସେଚନର ଆବଶ୍ୟକତା ରହିଛି। ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି ପାଇଁ ଜୈବିକ ଉପାୟ ଆପଣାଇବା ଆବଶ୍ୟକ। କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ରାସାୟନିକ ଔଷଧ ବ୍ୟବହାର କରି ପାରିବେ। ଭେଣ୍ଡି କଷି ଫୁଲ ନ ଝଡ଼ିବା ପାଇଁ ସାଢ଼େ ଚାରି ଲିଟର ପାଣିରେ ଏକ ମିଲି ନାପ୍‌ଥାଇଲ୍ ଏସିଟିକ୍ ଏସିଡ୍ କିମ୍ବା ପ୍ଲାନୋଫିକ୍ସ ୧୫ ଦିନ ଅନ୍ତରାଳରେ ସିଞ୍ଚନ କରି ପାରିବେ। ଭେଣ୍ଡି ଗଛ ପତ୍ର ଶିରାରେ ହଳଦିଆ କିମ୍ବା ଚିତ୍ରା ହୋଇଥିଲେ ରୋଗାକ୍ରାନ୍ତ ଗଛକୁ ତୁରନ୍ତ ଉପାଡ଼ି କ୍ଷେତଠାରୁ ଦୂରରେ ଫିଙ୍ଗିବା ଜରୁରି। ପୋକ ନିୟନ୍ତ୍ରଣ ପାଇଁ ଜମିରେ ହଳଦିଆ ଷ୍ଟିକି ଟ୍ରାପ୍ ପ୍ରୟୋଗ କରିପାରିବେ କିମ୍ବା ଅଧିକ ରୋଗାକ୍ରାନ୍ତ ହେଲେ ଏକର ପ୍ରତି ୫୦ ଗ୍ରାମ୍ ଏସିଟାମିପ୍ରିଡ୍ ୨୦୦ ଲିଟର ପାଣିରେ ସିଞ୍ଚନ କରିପାରିବେ।




# ପ୍ରାକୃତିକ କୃଷିରୁ ଆତ୍ମନିର୍ଭରଶୀଳ



**ଆଜିକାଲି ସହରଠୁ ନେଇ ଗ୍ରାମାଞ୍ଚଳ ସବୁଠି ଲୋକେ ରାସାୟନିକ ମୁକ୍ତ ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ପ୍ରାକୃତିକ କୃଷିର ଆଦର ବଢ଼ିଛି। ଏହି ଚାଷରେ ଗୋବର, ଗୋମୂତ୍ର ଆଦି ସ୍ଥାନୀୟ ସାମଗ୍ରୀ ବ୍ୟବହାର କରାଯାଇଥାଏ। ଏହା ପରିବେଶ ଅନୁକୂଳ। ଏହାକୁ ହୃଦୟଙ୍ଗମ କରି ପ୍ରାକୃତିକ କୃଷିରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ଗୁଜୁରାଟ, ଦାହୋଦର ନରେନ୍ଦ୍ରଭାଇ ହଟିଲା। ଉତ୍ପାଦିତ ଫସଲକୁ ବଜାରରେ ଅଧିକ ମୂଲ୍ୟରେ ବିକ୍ରି କରି ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ଅଧିକାଂଶ ଚାଷୀ ପ୍ରାକୃତିକ କୃଷି ଆପଣାଉଥିବାବେଳେ ନରେନ୍ଦ୍ରଭାଇ ଏନେଇ ପ୍ରଶିକ୍ଷଣ ନେଇଥିଲେ। ସେ ବିଗତ କିଛି ବର୍ଷ ହେବ ଗୋ ଆଧାରିତ ପ୍ରାକୃତିକ କୃଷି କରୁଛନ୍ତି। ଚାଷ ଜମିରେ ବିଭିନ୍ନ ପ୍ରକାର ପନିପରିବା ଓ ଫଳ ଚାଷ କରି ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଚାଷ କାର୍ଯ୍ୟରେ ସେ ରାସାୟନିକ ଉର୍ବରକ ଏବଂ କୀଟନାଶକ ବଦଳରେ ଦେଶୀ ଗାଈର ଗୋବର ଏବଂ ମୂତ୍ରରୁ ତିଆରି ହୋଇଥିବା ପ୍ରାକୃତିକ ଖତ ଯେପରିକି ଜୀବାମୃତ, ଘନ ଜୀବାମୃତ, ଅଗ୍ନିଅସ୍ତ୍ର ଏବଂ ବ୍ରହ୍ମାସ୍ତ୍ର ଉପଯୋଗ କରୁଛନ୍ତି। ସମସ୍ତ ଖତ ସେ ନିଜେ ପ୍ରସ୍ତୁତ କରିଥାନ୍ତି। ଅବଶ୍ୟ ଏହି ଚାଷ ପାଇଁ ସେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାଇ ପାରିଛନ୍ତି। ସେ ଗୋଟିଏ ଜମିରେ କେବଳ ଗୋଟିଏ ଫସଲ ନ କରି ଏକାସାଙ୍ଗରେ ବିଭିନ୍ନ ପନିପରିବା, ଫଳ, ଫୁଲ ଲଗାଇବା ଦ୍ୱାରା ଫସଲ ଭଲ ହେବା ସହିତ ଏଥିରୁ ବର୍ଷସାରା ତାଙ୍କୁ ରୋଜଗାର ମିଳିପାରୁଛି। ନରେନ୍ଦ୍ରଙ୍କ କହିବାନୁଯାୟୀ, "ଏହି ଚାଷରେ ଖର୍ଚ୍ଚ କମ୍ ହେବା ସହ ମାଟିର ଉର୍ବରତା ଧୀରେ ଧୀରେ ବୃଦ୍ଧି ପାଏ। ଗୋଟିଏ ଦେଶୀ ଗାଈ ସାହାଯ୍ୟରେ ପ୍ରାୟ ୩୦ ଏକର ଚାଷ ଜମିରେ ପ୍ରାକୃତିକ କୃଷି କରାଯାଇପାରେ। ଏହା ପରିବେଶ ଅନୁକୂଳ ସହିତ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ।"

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ତଳିଘରାକୁ ବର୍ଷାରୁ ରକ୍ଷା କରିବା ପାଇଁ ଜଳନିଷ୍କାସନର ବ୍ୟବସ୍ଥା ସହିତ ତଳିଘରାକୁ ପଲିଥିନ୍ ସିଟ୍‌ରେ ଆଚ୍ଛାଦିତ କରନ୍ତୁ।
- ହରଡ଼ ବିହନକୁ ବୁଣିବା ଆଗରୁ ଏକ କେଜି ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ।
- ଆଖୁ ଗଛ ୪ରୁ ୫ ମାସର ହୋଇଗଲେ



ବିଳମ୍ବରେ ଆସିଥିବା ପିଲଗୁଡ଼ିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢ଼ି ୨ରୁ୩ଟି ଆଖୁ ଏକାଠି କରି ବାନ୍ଧି ଦିଅନ୍ତୁ।

- ରାଶିଫସଲ ବୁଣିବା ପାଇଁ ପାଗ ସର୍ବୋତ୍ତମ ଅଟେ।
- ଜହ୍ନି ଲଗାଇବା ପାଇଁ ଏକର ପ୍ରତି ୧.୫ କେ.ଜି. ବିହନ ଦରକାର ପଡ଼ିଥାଏ।
- ବାଇଗଣ ବିହନ ବୁଣିବାର ୩୦ ଦିନ ଭିତରେ ଚାରା ଗୁଡ଼ିକ ଲଗାଇବା ପାଇଁ ଉପଯୁକ୍ତ ହୋଇଥାନ୍ତି। ବାଇଗଣ ଚାରା ୭ରୁ ୮ ପତ୍ର ହେଲେ ଲଗାଇବା ଭଲ।
- ଗାଈଗୋରୁଙ୍କୁ ଶୁଖିଲା ଓ ସଫା ଗୁହାଳରେ ରଖି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ।
- ବର୍ତ୍ତମାନ ଅମୃତଭଣ୍ଡା, କାକୁଡ଼, ସେବତୀ ଫୁଲ ଲଗାଇବାର ଉତ୍କୃଷ୍ଟ ସମୟ।

# ଜୁଲାଇ ମାସର ଚାଷବାସ

ଧାନ ତଳି ୩ରୁ ୪ ସପ୍ତାହର ହୋଇଥିଲେ ଅନୁମୋଦିତ ମୂଳସାର ଦେଇ ଧାନରୁଆ କରାଯାଏ। ଧାନ ରୋଇବା ପୂର୍ବରୁ ଧଣିଚା, ଛଣି ଆଦି ସବୁଜ ସାରକୁ ଜମିରେ ହଳ କରି ମାଟିରେ ମିଶାଯାଏ। ମିଶାଇବା ବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ୟୁରିଆ ସାର ପକାଯାଏ। ଶ୍ରୀ ପ୍ରଣାଳୀରେ ଧାନ ଚାଷ କରୁଥିଲେ ୮ ରୁ ୧୨ ଦିନର ତଳି ୨୫ x୨୫ ସେ.ମି. ବ୍ୟବଧାନରେ ରୋଇବା ଆବଶ୍ୟକ। ମାଣ୍ଡିଆ ତଳି ୩ରୁ୪ ସପ୍ତାହର ହୋଇଥିଲେ ବୁଦାପ୍ରତି ୨ରୁ୩ଟି ଗଛ ଧାଡ଼ିକୁ ଧାଡ଼ି ୧୫-୨୦ ସେ.ମି. ଓ ବୁଦାପ୍ରତି ୧୦ ସେ.ମି. ବ୍ୟବଧାନରେ ରୋଇବା ଜରୁରି। ମୁଗ ଓ ବିରି ବୁଣା କାମ ଶେଷ କରନ୍ତୁ। କନ୍ଦମୂଳ ଲଗାଇବା ପାଇଁ ଉପଯୁକ୍ତ ସମୟ। ସେହିପରି ଚିନାବାଦାମ ଫସଲ ୩ରୁ୪ ସପ୍ତାହ ଏବଂ କପା ଗଛ ୨୧ ଦିନର ହୋଇଥିଲେ କୋଡ଼ାଖୁସା କରି ଘାସ ବଛାଯାଏ। ତଳି ପଡ଼ିଥିବା ପନିପରିବାକୁ ଅନୁମୋଦିତ ଦୂରତ୍ୱରେ ରୋପଣ କରିବା ଆବଶ୍ୟକ।

# ଧାନ ତଳିଘରାର ଯତ୍ନ



**ଆମ ରାଜ୍ୟର ପ୍ରଧାନ ଚାଷ ହେଉଛି ଧାନ। ଉଭୟ ଖରିଫ ଋତୁ ଓ ରବି ଋତୁରେ ଧାନଚାଷ ହୋଇଥାଏ। ବର୍ତ୍ତମାନ ଖରିଫ ଚାଷ ସମୟ। ଏଥିପାଇଁ କାଦୁଆ ତଳି ପ୍ରସ୍ତୁତ ହେବାର ୭ରୁ ୮ ଦିନ ପରେ ଏହାର ଯତ୍ନ ନେବାକୁ ହୁଏ। ଧାନ ତଳିରେ ଜମୁଥିବା ଅଧିକ ବର୍ଷାଜଳ ନିଷ୍କାସନ କରିବା ସହ ଏହାର ଯତ୍ନ ନିଆଯିବା ଆବଶ୍ୟକ।**

ଜଳ ନିଷ୍କାସନ: ତଳିଘରାକୁ ୪ରୁ ୫ଦିନ ପର୍ଯ୍ୟନ୍ତ ଓଦା ରଖାଯାଏ। ଏହାପରେ ୩ରୁ ୫ ସେ.ମି. ପାଣି ତଳି କରି କିଆରିରେ ରଖାଯାଏ। ଯଦି ଅଧିକ ବର୍ଷା ହୋଇ ଜମିରେ ପାଣି ଜମି ରହିଲା, ତେବେ ଜଳ ନିଷ୍କାସନର ବନ୍ଦୋବସ୍ତ କରିବା ଏକାନ୍ତ ଆବଶ୍ୟକ।

ତଳିଘରାର ଯତ୍ନ: ତଳିଘରାରେ ଅଳ୍ପ ପାଣି ରଖିବା ଆବଶ୍ୟକ। ତଳି ପକାଇବାର ୧୫ ଦିନ ପରେ ୧୦ ଡେସିମିଲ ଜମିରେ ୨ କି.ଗ୍ରା. ୟୁରିଆ ସାର ପ୍ରୟୋଗ ଜରୁରି। ତଳିଘରାରେ ପତ୍ରପୋଡ଼ା ରୋଗ ଲାଗିଥିଲେ, ପ୍ରତି ୧୫ ଲିଟର ପାଣିରେ ଦେଢ଼ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ୍ ସହିତ ୩୦ ଗ୍ରାମ କପର୍ ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ସେହିପରି ତଳିଘରାରେ ମହିଷା ରୋଗ ଲାଗିଥିଲେ ପ୍ରତି ୧୫ ଲିଟର ପାଣିରେ ୧୨ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ସିଞ୍ଚନ କରିପାରିବେ। ତଳି ଉପାଡ଼ିବାର ୭ଦିନ ପୂର୍ବରୁ ୧୦ ଡେସିମିଲ ତଳିଘରାରେ ୧୨୦୦ ଗ୍ରାମ୍ କାର୍ବୋଫୁରାନ୍ ୩ଜି କିମ୍ବା ୯୦୦ ଗ୍ରାମ୍ କାର୍ଟାପହାଇଡ୍ରୋକ୍ଲୋରାଇଡ୍ ୪%ଜି ପ୍ରୟୋଗ କରାଯାଏ। ଘାସ ନିୟନ୍ତ୍ରଣ ପାଇଁ ଘାସ ହାତରେ ବାଛି ପାରିବେ। ରାସାୟନିକ ଉପାୟରେ ଘାସମରା ବ୍ୟବହାର କରି ପାରିବେ।

ଉତ୍କଳ ସମାଚାର

# ଡିଜିଟାଲ୍ ସଂରକ୍ଷଣ : ଭବିଷ୍ୟତ ପିଢ଼ି ପାଇଁ ଡିଜିଟାଲ୍ ଐତିହ୍ୟର ସୁରକ୍ଷା

**(ଶ୍ରୀ ଏ ଆର ଖାନ, ବରିଷ୍ଠ ସାମ୍ବାଦିକ)**

ଆଗାମୀ ସମୟରେ ଡିଜିଟାଲ ଲାଇବ୍ରେରୀ ର ଆବଶ୍ୟକତା ଓ ପ୍ରୟୋଜନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବଦଳୁଥିବା ଯୁଗ ସହିତ ଜ୍ଞାନର ସଂରକ୍ଷଣ, ପ୍ରସାର ଓ ସହଜ ଉପଲବ୍ଧତା ପାଇଁ ଏହା ଏକ ଶକ୍ତିଶାଳୀ ମାଧ୍ୟମ । ଭୌଗୋଳିକ ସୀମା ପାର ହୋଇ ଯେକୌଣସି ସମୟରେ, ଯେକୌଣସି ସ୍ଥାନରୁ କେବଳ ଇଂଟରନେଟ୍ ସାହାଯ୍ୟରେ ଲକ୍ଷ ଲକ୍ଷ ପୁସ୍ତକ ଓ ଗବେଷଣା ପତ୍ର ପଢ଼ିହେବ । ପୁରୁଣା, ଜୀର୍ଣ୍ଣ ପୁସ୍ତକ, ତାଳପତ୍ର ପୋଥି ଓ ଐତିହାସିକ ନଥିପତ୍ରକୁ ଡିଜିଟାଇଜ୍ କରି ଦୀର୍ଘକାଳ ପାଇଁ ସୁରକ୍ଷିତ ରଖାଯାଇପାରିବ । ପ୍ରାଚୀନ କାଳରୁ ମାନବ ସଭ୍ୟତା ନିଜର ଇତିହାସ, ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତିକୁ ଶିଳାଲେଖ, ତାଳପତ୍ର, ଧାତୁପଟ୍ଟ ଓ କାଗଜ ମାଧ୍ୟମରେ ସଂରକ୍ଷିତ କରିଆସିଛି । ଏଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ରହି ଆଜିର ଏବଂ ଆଗାମୀ ସମୟର ଗବେଷକଙ୍କ ପାଇଁ ମୁଖ୍ୟ ପ୍ରେରଣା ସ୍ରୋତ ସାଜିଛନ୍ତି । ଭାରତର ସର୍ବପ୍ରାଚୀନ ଲାଇବ୍ରେରୀ ହେଉଛି ସରସ୍ୱତୀ ମହଲ ଲାଇବ୍ରେରୀ ତାମିଲନାଡୁ ର ତାଞ୍ଜାବୁର ରେ ପ୍ରାୟ ୧୫୩୫ ଖ୍ରୀଷ୍ଟାବ୍ଦରେ ନାୟକ ରାଜାମାନଙ୍କ ଶାସନ କାଳରେ ସ୍ଥାପିତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ମରାଠା ରାଜା ସରଫୋଜୀ୨ ଙ୍କ ଦ୍ୱାରା ଏହାର ଅଭିବୃଦ୍ଧି ଓ ସମୃଦ୍ଧି ଘଟିଥିଲା । ଏଠାରେ ହଜାର ହଜାର ପ୍ରାଚୀନ ତାଳପତ୍ର ପୋଥି ଓ ବିରଳ ଗ୍ରନ୍ଥ ସୁରକ୍ଷିତ ହୋଇ ରହିଛି । ଭାରତର ପ୍ରଥମ ସଂପୂର୍ଣ୍ଣ ଡିଜିଟାଲ ଲାଇବ୍ରେରୀ ୨୦୦୬ ମସିହାରେ ଆସାମର ଶିବସାଗର ଠାରେ ସ୍ଥାପିତ ହୋଇଥିଲା । ଇଣ୍ଡିଆନ୍ ଡିଜିଟାଲ୍ ଲାଇବ୍ରେରୀ ୨୦୦୩ ମସିହାରେ କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥିତ 'ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ' ଏବଂ 'କାର୍ନେଗିମେଲନ୍ ୟୁନିଭରସିଟି'ର ମିଳିତ ସହଯୋଗରେ ଆରମ୍ଭ ହୋଇଛି , ନ୍ୟାସନାଲ୍ ଡିଜିଟାଲ୍ ଲାଇବ୍ରେରୀ ଅଫ୍ ଇଣ୍ଡିଆ ୨୦୧୬ ମସିହାରେ ପଶ୍ଚିମବଙ୍ଗର 'ଆଇଆଇଟି ଖଡ଼ଗପୁର' ଦ୍ୱାରା ଏକ ଜାତୀୟସ୍ତରର ବିଶାଳ ଡିଜିଟାଲ ପ୍ରକଳ୍ପ ଭାବେ ଶୁଭାରମ୍ଭ କରାଯାଇଥିଲା । ମାତ୍ର ଏକବିଂଶ ଶତାବ୍ଦୀର ଡିଜିଟାଲ ଯୁଗରେ ପ୍ରାୟ ସମସ୍ତ ବାର୍ତ୍ତା, ଇମେଲ୍, ପ୍ରବନ୍ଧ, ସାମ୍ବାଦିକତା ଓ ସୂଚନା ଇଲେକ୍ଟ୍ରୋନିକ୍ ମାଧ୍ୟମରେ ସୃଷ୍ଟି ହେଉଛି । ଏହି 'ଡିଜିଟାଲ୍ ତଥ୍ୟ' କୁ ଭବିଷ୍ୟତ ପାଇଁ ସୁରକ୍ଷିତ ରଖିବା ଏବଂ ଲାଇବ୍ରେରୀ ମାଧ୍ୟମରେ ଉପଲବ୍ଧ କରାଇବା ଆଜିର ସମୟରେ ଏକ ବଡ଼ ଆହ୍ୱାନ ଓ ଆବଶ୍ୟକତା । ପାରମ୍ପରିକ କାଗଜ କିମ୍ବା ପଥର ତୁଳନାରେ ଡିଜିଟାଲ୍ ତଥ୍ୟ ଅଧିକ ଅସ୍ଥାୟୀ । ଏହାର କାରଣଗୁଡ଼ିକ ହେଲା ହାର୍ଡୱେର୍ ଓ ସଫ୍ଟୱେର୍ ର ପୁରୁଣା ହେବା ,କମ୍ପ୍ୟୁଟର ଫ୍ଲପି ଡିସ୍କ କିମ୍ବା ପୁରୁଣା ଫାଇଲ୍ ଫର୍ମାଟ୍ ଆଜିର ନୂଆ ଡିଭାଇସ୍‌ରେ ଖୋଲିବା ଅସମ୍ଭବ । ତଥ୍ୟ ନଷ୍ଟ ହେବାର ଭୟ ହାର୍ଡଡିସ୍କ ଖରାପ ହେବା, ଭାଇରସ୍ ଆକ୍ରମଣ କିମ୍ବା ଡିଜିଟାଲ୍ ଷ୍ଟୋରେଜ୍‌ର ଭୌତିକ କ୍ଷୟ , ପ୍ରତିଦିନ କୋଟି କୋଟି ହ୍ୱାଟ୍ସଆପ୍ ମେସେଜ୍, ଇମେଲ୍ ଓ ବ୍ଲଗ୍ ପ୍ରକାଶିତ ହେଉଥିବାରୁ ସେଥିରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୟନ କରିବା କଷ୍ଟକର । ଡିଜିଟାଲ୍ ନଥିପତ୍ରକୁ ଭବିଷ୍ୟତ ପାଇଁ ସାଇତି ରଖିବା ପାଇଁ ବିଭିନ୍ନ ବୈଷୟିକ ପ୍ରଣାଳୀ ଆପଣାଯାଏ, ଇମେଲ୍, ପ୍ରବନ୍ଧ ଓ ଡକ୍ୟୁମେଂଟଗୁଡ଼ିକୁ ବିଭିନ୍ନ ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଏ, ଯାହା କୌଣସି ନିର୍ଦ୍ଦିଷ୍ଟ ସଫ୍ଟୱେର୍ ଉପରେ ନିର୍ଭର କରେନାହିଁ । ହ୍ୱାଟ୍ସଆପ୍ କିମ୍ବା ଡିଜିଟାଲ୍ ବାର୍ତ୍ତାଗୁଡ଼ିକୁ ଟେକ୍ସଟ୍ କିମ୍ବା ପିଡିଏଫ ଆକାରରେ ଏକ୍ସପୋର୍ଟ କରି ଏକ୍ସଟରନାଲ୍ ସର୍ଭରରେ ସୁରକ୍ଷିତ ରଖାଯାଏ । ଆନ୍ତର୍ଜାତୀୟ ସଂସ୍ଥା ୱେବସାଇଟ୍ ଓ ଡିଜିଟାଲ୍ ପୋଷ୍ଟଗୁଡ଼ିକୁ ସ୍ୱୟଂଚାଳିତ ଭାବେ ସଂରକ୍ଷିତ କରୁଛନ୍ତି । ସମୟ ସହ ପ୍ରଯୁକ୍ତିବିଦ୍ୟା ବଦଳିଲେ ପୁରୁଣା ଫାଇଲ୍ ଫର୍ମାଟ୍‌କୁ ନୂଆ ସପୋର୍ଟେଡ୍ ଫର୍ମାଟ୍‌କୁ ସ୍ଥାନାନ୍ତର କରାଯାଏ, ଯେପରି ଭବିଷ୍ୟତର କମ୍ପ୍ୟୁଟରରେ ଏହା ସହଜରେ ପଢ଼ାଯାଇପାରିବ । ଆଧୁନିକ ଲାଇବ୍ରେରୀ ଗୁଡ଼ିକ କେବଳ ବହି ରଖିବାର ସ୍ଥାନ ହୋଇ ରହିନାହାନ୍ତି, ଏଗୁଡ଼ିକ 'ଡିଜିଟାଲ୍ ସଂଗ୍ରହାଳୟ' ରେ ପରିଣତ ହୋଇଛନ୍ତି । ମେଟାଡାଟା ପ୍ରସ୍ତୁତି ପ୍ରତ୍ୟେକ ଡିଜିଟାଲ୍ ଫାଇଲ୍ ସହିତ ଲେଖକଙ୍କ ନାମ, ତାରିଖ, ବିଷୟ ସଂଯୋଗ କରାଯାଏ । ସହସ୍ରାଧିକ ଡିଜିଟାଲ୍ ତଥ୍ୟ ଭିତରୁ ଆବଶ୍ୟକୀୟ ଲେଖା ସେକେଣ୍ଡକରେ ଖୋଜିବା ସହଜ ହୁଏ । ଡିସ୍ପେସ,ଗ୍ରୀନଷ୍ଟୋନ ଭଳି ମୁକ୍ତ ସଫ୍ଟୱେର୍ ବ୍ୟବହାର କରି ଆର୍କାଇଭ୍ ତିଆରି କରାଯାଏ । ଗବେଷକମାନେ ଘରେ ବସି ନିଜ ମୋବାଇଲ୍ କିମ୍ବା ଲାପଟପ୍ ?ରେ ଦୁର୍ଲଭ ଲେଖା ପଢ଼ିପାରନ୍ତି । ସୁରକ୍ଷା ଓ ବ୍ୟାକ୍-ଅପ୍ ନୀତିରେ ତଥ୍ୟକୁ କ୍ଲାଉଡ୍ ଓ ଅଫଲାଇନ୍ ସର୍ଭରରେ ବ୍ୟାକ୍-ଅପ୍ ରଖାଯାଏ । କୌଣସି ଗୋଟିଏ ସର୍ଭର ନଷ୍ଟ ହେଲେ ମଧ୍ୟ ତଥ୍ୟ ଚିରଦିନ ପାଇଁ ସୁରକ୍ଷିତ ରହେ । ଡିଜିଟାଲ୍ ସଂରକ୍ଷଣ ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ, ଡିଜିଟାଲ୍ ଲେଖା କିମ୍ବା ପ୍ରବନ୍ଧଗୁଡ଼ିକୁ ସଂରକ୍ଷିତ କରିବା ପୂର୍ବରୁ ଲେଖକ କିମ୍ବା ପ୍ରକାଶକଙ୍କ ଅନୁମତି ନେବା । ହ୍ୱାଟ୍ସଆପ୍ କିମ୍ବା ଇମେଲ୍ ଭଳି ବ୍ୟକ୍ତିଗତ ବାର୍ତ୍ତା ସଂରକ୍ଷିତ କରିବା ବେଳେ ବ୍ୟକ୍ତିଗତ ଗୋପନୀୟତା ରକ୍ଷା କରିବା ଏବଂ କେବଳ ସାଧାରଣ ସ୍ୱାର୍ଥ ବିଜଡ଼ିତ ସୂଚନାକୁ ଗ୍ରନ୍ଥାଗାରରେ ସାମିଲ କରିବା । ଡିଜିଟାଲ୍ ସଂରକ୍ଷଣ କେବଳ ବୈଷୟିକ ପ୍ରକ୍ରିୟା ନୁହେଁ, ଏହା ଆମର ସାମ୍ପ୍ରତିକ ଇତିହାସ ଓ ଚିନ୍ତାଧାରାକୁ ଆଗାମୀ ପିଢ଼ି ପାଇଁ ବଚାଂଇ ରଖିବାର ଏକ ନୈତିକ ଦାୟିତ୍ୱ । ଆଂଚଳିକ ଓ ଜାତୀୟ ସ୍ତରର ଲାଇବ୍ରେରୀ ଗୁଡ଼ିକ ସୁଦୃଢ଼ ଡିଜିଟାଲ୍ ନୀତି ଆପଣାଇଲେ ଆଜିର ଡିଜିଟାଲ୍ ସାହିତ୍ୟ ଓ ସୂଚନା କାଲି ପାଇଁ ଅକ୍ଷୟ ଜ୍ଞାନର ଉତ୍ସ ହୋଇରହିବ । ପାରମ୍ପରିକ ଲେଖା କାଗଜ, ପଥର, ଧାତୁ ଭଳି ଡିଜିଟାଲ ବାର୍ତ୍ତା, ଇମେଲ୍, ପ୍ରବନ୍ଧ ଓ ସୂଚନାଗୁଡ଼ିକୁ ଭବିଷ୍ୟତ ପାଇଁ ସୁରକ୍ଷିତ ରଖିବା ଏବଂ ଲାଇବ୍ରେରୀ ମାଧ୍ୟମରେ ସହଜରେ ଉପଲବ୍ଧ କରାଇବା ପାଇଁ ଡିଜିଟାଲ ସଂରକ୍ଷଣ ପ୍ରକ୍ରିୟା ଆବଶ୍ୟକ । ଏହି ସୂଚନାଗୁଡ଼ିକୁ ଭବିଷ୍ୟତର ଗବେଷଣା ଓ ପ୍ରେରଣା ପାଇଁ ସାଇତି ରଖିବାର ସୂକ୍ଷ୍ମ ନୀତି ନିର୍ଦ୍ଧାରଣ ର ମଧ୍ୟ ଆବଶ୍ୟକତା ରହିଛି , । ପ୍ରାଚୀନ ପାରମ୍ପରିକ / କାଗଜ ସଦୃଶ ପଦ୍ଧତି ଏବଂ ଡିଜିଟାଲ ପଦ୍ଧତି ଉଭୟର ନିଜସ୍ୱ ସାମର୍ଥ୍ୟ ଓ ସୀମା ରହିଛି । ବିଶ୍ୱସନୀୟତାକୁ ଆମେ ଭିନ୍ନ ଭିନ୍ନ ଦିଗରୁ ଦେଖିବାକୁ ପଡ଼ିବ ଦୀର୍ଘକାଳୀନ ସଂରକ୍ଷଣ ଓ ମୂଳ ଆଧାର ଦୃଷ୍ଟିରୁ ପ୍ରାଚୀନ/ ପାରମ୍ପରିକ ପଦ୍ଧତି ଅଧିକ ବିଶ୍ୱସନୀୟ ।ସହଜ ବ୍ୟବହାର, ପ୍ରସାର ଓ ଆଧୁନିକ ଗବେଷଣା ଦୃଷ୍ଟିରୁ ଡିଜିଟାଲ ପଦ୍ଧତି ଅତ୍ୟନ୍ତ ପ୍ରଭାବଶାଳୀ । ଏଣୁ ସବୁଠାରୁ ଉତମ ଓ ବିଶ୍ୱସନୀୟ ପନ୍ଥା ହେଉଛି ହାଇବ୍ରିଡ଼ ପଦ୍ଧତି' ଯେଉଁଥିରେ ମୂଳ ତଥ୍ୟକୁ ପାରମ୍ପରିକ ଭାବେ ସୁରକ୍ଷିତ ରଖି ତାହାର ଡିଜିଟାଲ ପ୍ରତିରୂପକୁ ବ୍ୟବହାର ଓ ପ୍ରସାର ପାଇଁ କାମରେ ଲଗାଯାଏ । ଗୋଟିଏ ବିଶେଷ ବହିକୁ ଏକାସାଙ୍ଗରେ ଶହ ଶହ ପାଠକ ବିନା କୌଣସି ବାଧାରେ ପଢ଼ିପାରିବେ । ସୂଚନା ଖୋଜିବା ପାଇଁ ସମୟ ନଷ୍ଟ ହୁଏନାହିଁ; କୀ-ୱାର୍ଡ ବ୍ୟବହାର କରି କିଛି ସେକେଣ୍ଡ ମଧ୍ୟରେ ଆବଶ୍ୟକୀୟ ତଥ୍ୟ ମିଳିଯାଏ । ନୂତନ ପିଢ଼ିର ଗବେଷକ, ଛାତ୍ରଛାତ୍ରୀ ଏବଂ ଦୂରଦୂରାନ୍ତରେ ରହୁଥିବା ପାଠକମାନଙ୍କ ପାଇଁ ଏହା ଅତି ଆବଶ୍ୟକ । ଆଗାମୀ ଦିନରେ ଜ୍ଞାନର ବିକେନ୍ଦ୍ରୀକରଣ ଏବଂ ସଂସ୍କୃତି ଓ ସାହିତ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ଜୀବନ୍ତ ରଖିବା ପାଇଁ ଡିଜିଟାଲ ଲାଇବ୍ରେରୀ ଅପରିହାର୍ଯ୍ୟ **(କେନ୍ଦୁଝର- ୭୯୭୮୮୪୦୭୩୬)**

## ସମ୍ପାଦକୀୟ...

**ଗୁରୁବାର ୨୭ ଅଗଷ୍ଟ ୨୦୨୬**

# ଆସ ଦେଖିଯିବା ଝୁଲଣ ଯାତ



ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରା ବ୍ୟତୀତ ଉପଯାତ୍ରାଗୁଡ଼ିକ ମଧ୍ୟରେ ପ୍ରତିବର୍ଷ ଶ୍ରାବଣ ମାସ ଶୁକ୍ଲପକ୍ଷ ଦଶମୀ ଠାରୁ ପ୍ରତିପଦ ପର୍ଯ୍ୟନ୍ତ ପାଳିତ ହେଉଥିବା ଝୁଲଣ ଯାତ୍ରା ଅନ୍ୟତମ । ଅନ୍ୟତ୍ର ଝୁଲଣ ମଣ୍ଡପର ଝୁଲାରେ ଶ୍ରୀନୃସିଂହ, ରାଧାକୃଷ୍ଣ ଓ ଲକ୍ଷ୍ମୀ ବିଗ୍ରହମାନେ ବିଜେ କରୁଥିବା ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ଝୁଲଣ ଯାତ୍ରାରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ଦେବ, ମହାଲକ୍ଷ୍ମୀ (ଶ୍ରୀଦେବୀ) ଓ ସରସ୍ୱତୀ (ଭୂଦେବୀ) ଅଂଶଗ୍ରହଣ କରିଥାଆନ୍ତି । ଝୁଲଣ ଯାତ୍ରା ଆରମ୍ଭ ଦିନରେ ଭଣ୍ଡାର ଘରୁ ରୁପାଗିନା ଅଣାଯାଏ । ଘଟୁଆରୀ ସେବକ ଚନ୍ଦନ ଓ ଭଣ୍ଡାର ମେକାପ ଅଳଙ୍କାର ଯୋଗାଇ ଦିଅନ୍ତି । ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଭୋଗପାଇଁ ମାଣ୍ଡୁଅ ଓ ଅନ୍ୟାନ୍ୟ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରି ରଖାଯାଏ । ନୀତି ସଂପନ୍ନ କରିବାପାଇଁ ପାଳିଆ ଖୁଂଟିଆ, ପୁଷ୍ପାଳକ, ମେକାପ, ଘଟୁଆରୀ, ମହାଜନ ସେବକ, ଖଟଶେଯ ମେକାପ, ଭଣ୍ଡାର ମେକାପ, ଆସ୍ଥାନ ପଢ଼ିଆରୀ, ପୂଜାପଣ୍ଡା, ଶୁଦ୍ଧ ସୁଆର, ଛାମୁ ଓ ଦିହୁଡ଼ିଆ ଆଦି ସେବକମାନଙ୍କର ଆବଶ୍ୟକତା ପଡ଼ିଥାଏ । ସପ୍ତାହ ବ୍ୟାପୀ ଅନୁଷ୍ଠିତ ଝୁଲଣ ଯାତ୍ରା ଦିନମାନଙ୍କରେ ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ନୀତି ସମାପ୍ତିରେ ଭିତରେ ପାଣିପଢ଼ି ଧୋପଖାଳ (ଧୁଆଧୋଇ) ହେବାପରେ ପୁଷ୍ପାଳକ ସେବକମାନେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ମଇଲମ (ଠାକୁରଙ୍କ ଶ୍ରୀଅଙ୍ଗରୁ ବେଶ, ମାଳଚୂଳ, ଅଳଙ୍କାର ଓ ବସ୍ତ୍ରାଦି ଉଲାଗି) କରିବା ପରେ ତିନୋଟି ରୁପା ସରାରେ ଘଟୁଆରୀ ଆଣିଥିବା ଚନ୍ଦନ ନେଇ ତିନି ଠାକୁରଙ୍କ ଠାରେ ସର୍ବାଙ୍ଗ ଲାଗି କରାନ୍ତି । ଇତିମଧ୍ୟରେ ମହାଜନ ସେବକମାନେ ଦକ୍ଷିଣ ଘରେ ଥିବା ଖଟଶେଯରେ ସିଂହାସନସ୍ଥ ଶ୍ରୀଦେବୀ ଓ ଭୂଦେବୀଙ୍କୁ ବିଜେ କରିବା ପରେ ଦକ୍ଷିଣ ଘରୁ ମଦନମୋହନଙ୍କୁ ଆଣି ଏହାଙ୍କ ସଙ୍ଗେ ବିଜେ କରାନ୍ତି । ଭଣ୍ଡାର ମେକାପ ଯୋଗାଇ ଦେଇଥିବା ଅଳଙ୍କାର ତିନି ମୂର୍ତ୍ତିଙ୍କଠାରେ ଲାଗି କରାଯିବା ପରେ ବେଶ ବଢ଼େ । ଏହାପରେ ଆସ୍ଥାନ ପଢ଼ିଆରୀଙ୍କ ଠାରୁ ହାତୁଆଣି ନେଇ ତିନୋଟି ସରାରେ ୩ ଖଣ୍ଡି ମାଣ୍ଡୁଅ ରଖାଯାଏ । ଏହି ଭୋଗ ବାହାର ଦେଉଳି ରୋଷରେ (ମହାଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ଥିବା ଅଲଗା ରୋଷଘର) ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ । ଏହାପରେ ପୂଜାପଣ୍ଡା ସେବକ ଦକ୍ଷିଣ ଘରେ ଖଟଶେଯରେ ବିଜେ କରିଥିବା ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କ ଠାରେ ସରାରେ ଥିବା ମାଣ୍ଡୁଅ ସର୍ପ ମଣୋହି (ଠାକୁରଙ୍କ ଉଦ୍ଦେଶ୍ୟରେ ଭୋଗଦ୍ରବ୍ୟ ତାଳି ମାରି ସମର୍ପଣ) କରି ଦକ୍ଷିଣ ଘରେ ଭୋଗ ସାରନ୍ତି । ଏହାପରେ ଛାମୁ ଦିହୁଡ଼ି ଆଗରେ ଥାଇ ମହାଜନ ସେବକମାନେ ତିନି ବିଜେ ଠାକୁରଙ୍କୁ ସିଂହାସନକୁ ବିଜେ କରନ୍ତି । ପୁଷ୍ପାଳକମାନେ ତିନି ବାଡ଼ରେ କର୍ପୂର ଲାଗି କରି ସିଂହାସନ ତଳକୁ ଓହ୍ଲାଇ ସନ୍ଧ୍ୟା ଆଳତି ସଂପନ୍ନ କରନ୍ତି । ଏହାପରେ ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଦକ୍ଷିଣ ଭୁଜରେ ଏକଖଣ୍ଡ ଓ ବାମଭୁଜରେ ଦୁଇ ଖଣ୍ଡ ଆଜ୍ଞାମାଳ ଲାଗି କରାଯାଇଥାଏ । ପୂଜାପଣ୍ଡା ସେବକ ହାତୁଆଣି (ବିଭିନ୍ନ ନୀତିରେ ପୂଜାପଣ୍ଡା ଅନ୍ୟାନ୍ୟ ସେବକଙ୍କ ହାତ ଧୋଇବା ପାଇଁ ଯୋଗାଇ ଦିଆଯାଉଥିବା ପାଣି) ନେଇ ଦକ୍ଷିଣ ଭୁଜର ଆଜ୍ଞାମାଳ ମଦନମୋହନ ଓ ବାମଭୁଜର ମାଳ ଦୁଇଟିକୁ ଭୂଦେବୀ ଓ ଶ୍ରୀଦେବୀଙ୍କୁ ପ୍ରଦାନ କରି ଝୁଲଣ ଯାତ୍ରା ଉତ୍ସବରେ ଯୋଗ ଦେବାପାଇଁ ଅନୁମତି (ନିର୍ଦ୍ଦେଶ) ପ୍ରଦାନ କରିଥାନ୍ତେ । ଆଜ୍ଞାମାଳ ମିଳିବା ପରେ ତିନି ବିଜେ ଠାକୁର ମହାଜନ ସେବକମାନଙ୍କ ହାତରେ ବିଜେ ହୋଇ ଘଂଟ, ଛତା ଓ କାହାଳୀ ସହ ବାଜା ପଟୁଆରରେ ସର୍ବାଗ୍ରେ ଛାମୁ ଦିହୁଡ଼ି ଥାଇ ବଟଦ୍ୱାର ଦେଇ ଝୁଲଣ ମଣ୍ଡପ ଦୋଳିରେ ବିଜେ ହୁଅନ୍ତି । ଏହାପରେ ହଡ଼ପ ନାୟକ ବିଡ଼ିଆ ପାନ ମଣୋହି କରାନ୍ତି । ପ୍ରତିବର୍ଷ ଏହି ଝୁଲଣକୁ ମୁକ୍ତିମଣ୍ଡପର ଦକ୍ଷିଣ ଆଡ଼କୁ ସଂପୂର୍ଣ୍ଣ ମଣ୍ଡପକୁ ଆଡୁଆଳ କରି ତିଆରି କରାଯାଇଥାଏ । ଶ୍ରୀକ୍ଷେତ୍ରର କୁଶଳୀ ଓ ଅଭିଜ୍ଞ କାରିଗରମାନେ ବାହୁଡ଼ା ପର ନୀଳାଦ୍ରି ବିଜେ ପରଦିନ ଠାରୁ ସ୍ୱତନ୍ତ୍ର ଧରଣର ଏହି ବିରାଟକାୟ କୁଞ୍ଜର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥାଆନ୍ତି । ଝୁଲଣକୁ ସଂପୂର୍ଣ୍ଣ ରୂପେ ସୋଲ ଓ ଜରିରେ ତିଆରି କରାଯାଇ ସେଥିରେ ସୁନ୍ଦର ସୁନ୍ଦର ସଖୀ, ମୟୂର, ପାରା, ବଣି ଆଦି ବିଭିନ୍ନ ପକ୍ଷୀ, ହଂସ, ପଟି, ମଗରପଟି, ବାଙ୍କପଟି, ଓଲଟ ଶୁଆ ଓ ଚୂଳ କଳସ ପ୍ରଭୃତି ଖଞ୍ଜା ଯାଇଥାଏ । ସମ୍ମୁଖ ଭାଗରେ କାଖରେ ଶିଶୁ କୃଷ୍ଣ ଓ ହାତରେ ରାମଙ୍କୁ ଧରିଥିବା ଯଶୋଦା ଏବଂ କାଖରେ ରାମ ଓ ହାତରେ ଶିଶୁ କୃଷ୍ଣଙ୍କୁ ଧରିଥିବା ରୋହିଣୀଙ୍କ ଅତି ସୁନ୍ଦର ମୂର୍ତ୍ତି ସହିତ କୁଞ୍ଜର ଉଭୟ ପାର୍ଶ୍ୱର୍ରେ ଜଗୁଆଳି ରୂପରେ ବିଶାଳ ବପୁ ଭୀମ ଓ ଦୁଃଶାସନ ବୀର ବେଶରେ ସଜ୍ଜିତ ହୋଇ ଦଣ୍ଡାୟମାନ ରହିଥାଆନ୍ତି । କୁଞ୍ଜର ଦୁଇପାର୍ଶ୍ୱର୍ରେ ଶ୍ରୀକୃଷ୍ଣ ଜନ୍ମଲୀଳା, ଗୋପଲୀଳା ଓ ଧ୍ରୁବ ଉପାଖ୍ୟାନ ଇତ୍ୟାଦି ମୂର୍ତ୍ତି ରଖାଯାଇ କେତେଗୁଡ଼ିଏ ସୁନ୍ଦର ଓ ଛୋଟ ଛୋଟ କୁଞ୍ଜ ରହିଥାଏ । ନୀତିସର୍ବସ୍ୱ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ସମାପ୍ତିରେ ଝୁଲଣରେ ଝୁଲୁଥିବା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କ ଆସ୍ଥାନ ଠାରେ ପାଣି ପକାଇ ଟେରା ବନ୍ଧାଯାଇ ଶୀତଳଭୋଗ ଓ ପୂଜା ଠା' କରିବା ପରେ ପୂଜାପଣ୍ଡା ପଚୋଂପଚାରରେ ମଣୋହି କରିଥାଆନ୍ତି । ଏହାପରେ କୁଞ୍ଜ ଠାକୁରମାନେ ମହାଜନମାନଙ୍କ ହାତରେ ବିଜେ ହୋଇ ସ୍ୱ ସ୍ୱ ଆସ୍ଥାନକୁ ବାହୁଡ଼ି ଯାଆନ୍ତି । ଏହି ଅପରୂପ ଝୁଲଣ କୁଞ୍ଜ ଓ ଯାତ୍ରା ଦେଖିବା ପାଇଁ ମନ୍ଦିରରେ ପ୍ରବଳ ଜନଗହଳି ହୋଇଥାଏ । ପୂର୍ବରୁ ମନ୍ଦିର ଚାରିପଟେ ଥିବା ମଠ ମନ୍ଦିରମାନଙ୍କରେ କାରୁକାର୍ଯ୍ୟପୂର୍ଣ୍ଣ ସୁନ୍ଦର ସୁନ୍ଦର ଝୁଲଣ କୁଞ୍ଜମାନ କରାଯାଇ ନାଚ, ଗୀତ, ଦାସକାଠିଆ ଓ ପାଲା ଆଦି ଅନୁଷ୍ଠିତ ହେଉଥିବାରୁ ବଡ଼ଦାଣ୍ଡ ଓ ଚତୁଃପାର୍ଶ୍ୱର୍ ଜନଗହଳିରେ ଫାଟି ପଡୁଥିଲା । ଏବେ ସେ ସବୁ ନାହିଁ, ମଠ ସବୁ ଭାଙ୍ଗିଦିଆଯାଇଛି । କେବଳ ରହିଯାଇଛି ଶ୍ରୀମନ୍ଦିରର ଝୁଲଣ ଯାତ୍ରା ।

# ରାକ୍ଷୀପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା



**ଆଶୁତୋଷ ନାୟକ**
**ଗୋପାଳପୁର, ବାଲେଶ୍ୱର**
**୭୦୨୦୬୧୧୩୦୦**

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଇଶ୍ୱରଙ୍କ ସବୁଠାରୁ ଶେଷ୍ଠ ସଂରଚନା ହେଉଛି ମନୁଷ୍ୟ । ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶେଷ୍ଠଜୀବ ମନୁଷ୍ୟ ।ନିଜର ବୃଦ୍ଧି ଓ ବିବେକ ପାଇଁ ଶେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ ।ଶାସ୍ତ୍ରରେ ଏହା ବର୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ । ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୂଲଭ ।ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋଉପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଚାଂଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱ ର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ ,ଜାପାନ ,ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ । ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ । ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତନ୍ତ୍ର ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁ ର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ । ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶ ର ମେଳ,ସନାତନ ଧର୍ମ ଏହାଥିବ ଚିରକାଳ । ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ ଧର୍ମ ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ରାକ୍ଷୀପୂର୍ଣ୍ଣିମାକୁ ଓଡିଶାରେ ଗହ୍ମାପର୍ବ ବୋଲି କୁହାଯାଏ । ଆମ ହିନ୍ଦୁସନାତନ ସଂସ୍କୃତି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ । ବିଶ୍ୱର ଆଉ କୌଣସି ରାଷ୍ଟ୍ରରେ ଏଭଳି ପର୍ବପର୍ବାଣି ପାଳନ କରାଯାଏ ନାହିଁ । ବିଶ୍ୱର ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ଯେପରିକି ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦିର ଅଧିବାସୀ ଆମ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରତି ଆକର୍ଷିତ ହୋଇ ନିଜର ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିକୁ ପରିହାର କରି ହିନ୍ଦୁ ଦେବାଦେବୀଙ୍କ ଶରଣରେ ନିଜକୁ ସମର୍ପି ଦେଉଛନ୍ତି । ଏହାହିଁ ହିନ୍ଦୁ ସନାତନ ଧର୍ମର ମହାନତା ଓ ବିଚିତ୍ରତା । ଏହାକୁ ଅସ୍ୱୀକାର କରିହେବନାହିଁ ।ଅନେକ ହିନ୍ଦୁ ସନାତନ ଧର୍ମର ବ୍ୟକ୍ତି ଈଶ୍ୱରବିଶ୍ୱାସୀ ଓ ନିଷ୍ପାପର । ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ଠାରୁ ଆରମ୍ଭ କରି ରାକ୍ଷୀପୂର୍ଣ୍ଣିମା ପ୍ରଯ୍ୟନ୍ତ ପ୍ରତ୍ୟେକ ପର୍ବପର୍ବାଣିର ନିଜର ବୈଶିଷ୍ଟ୍ୟ, ଅଭିପ୍ରାୟ ଏବଂ ପାଳନ କରିବାର ଉପଯୁକ୍ତ ବିଧି ରହିଛି । ରାକ୍ଷୀପୂର୍ଣ୍ଣିମା ଯାହାକି ପବିତ୍ର ଶ୍ରାବଣମାସରେ ପାଳନ କରାଯାଏ ତାହାର ଈଶ୍ୱରୀୟ ବାର୍ତ୍ତା ରହିଛି । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ସାମାନ୍ୟ କିଛି କାଗଜର ଟଙ୍କା, ସମ୍ପତି, ମାନ ମଯ୍ୟାଦା, କ୍ଷମତା, ଅହମିକା ପାଇଁ ସେ ରକ୍ତର ହୋଲି ଖେଳୁଛି, ନିଜର ବନ୍ଧୁପରିଜନ, ଜନ୍ମଦାତା, ଜନ୍ମଦାତ୍ରୀ, ଭାତ୍ରା, ଧର୍ମପତ୍ନୀ, ଭଗିନୀଙ୍କୁ ମଧ୍ୟ ହତ୍ୟା କରିବାକୁ ପଛଘୁଚାଂ ଦେଉନାହିଁ । ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ, ଜ୍ଞାନୀଗୁଣୀ, ବିଦ୍ୱାନ ବୃଦ୍ଧିମାନର ଡିଣ୍ଡିମ ପିଟୁଥିବା କଳିଯୁଗର ମନୁଷ୍ୟ ପାଇଁ ସମ୍ପର୍କର ମୂଲ୍ୟ ଆଜି ତୁଚ୍ଛ ହେଇଯାଇଛି, ସ୍ନେହ, ପ୍ରେମ, ବଳିଦାନ ଦୟା, କ୍ଷମା, ଆବିଳତା, ବିଶ୍ୱାସ, ଶ୍ରଦ୍ଧା ପରି ମହନୀୟ ଗୁଣ ଅନେକ ବ୍ୟକ୍ତିଙ୍କ ପାଖରେ ଏହା ପରିଲକ୍ଷିତ ହେଉନାହିଁ । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସର୍ବସ୍ୱ ହେଇଯାଇଛି । ତା ପାଇଁ ସମ୍ପର୍କ ମୂଲ୍ୟହୀନ ହେଇଯାଇଛି । ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରାମାନବ ସମାଜଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି । ନିଜର ଅଲିଅଳି ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନ କୁ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ ତାଙ୍କର ସବୁ ଇଛା ପୂର୍ଣ୍ଣ କରିଛନ୍ତି । ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା । ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀର ମହତ୍ୱକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଏହି ରାକ୍ଷୀ ସାମାନ୍ୟ ଗୋଟିଏ ସୁତା ନୁହେଁ ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ଭଲପାଇବା, ଶ୍ରଦ୍ଧା, ଅନାବିଳ ପ୍ରେମ, ଅତୁଟ ବିଶ୍ୱାସର ପ୍ରତୀକ । ଯେତେ ଦୁଃଖ, ଝଡ଼ ଝଞ୍ଜା, ବାଧାବିଘ୍ନ, ସମସ୍ୟା ଆସିଲେ ଭି ନିଜ ଭଉଣୀର ମାନ ରକ୍ଷା କରିବା, ତାଙ୍କୁ ଯେକୌଣସି ବିପଦରୁ ଉଦ୍ଧାର କରିବା ପ୍ରତ୍ୟେକ ଭାଇର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ।

# ପ୍ରବେଶ ପରୀକ୍ଷା

ଏହା ହୃଦୟଙ୍ଗମ କରିବା କଷ୍ଟ ନୁହେଁ ଯେ 'ୟୁଜର୍ ନେମ୍'ର ପ୍ରଚଳନ ଆରମ୍ଭ ହୋଇଗଲେ ତାହା ଏଇ ଅପରାଧୀମାନଙ୍କ ପାଇଁ ଏକ ବରଦାନ ସଦୃଶ ହେବ । ସେମାନେ ଏହାକୁ ନିଜର ବିଶ୍ୱସନୀୟତାରେ ବୃଦ୍ଧି ଘଟାଇବାକୁ ଓ ନିଜର ଅସଲ ପରିଚୟ ଗୋପନ ରଖିବା ପାଇଁ ଏକ ପ୍ରକୃଷ୍ଟ ସାଧନ ଓ ଢାଙ୍କୁଣୀ ରୂପେ ବ୍ୟବହାର କରିବେ । ଉଦାହରଣ ସ୍ୱରୂପ ଏଇ ଅପରାଧୀମାନେ ବିଭିନ୍ନ ସରକାରୀ ଦପ୍ତର ବା ବିଭାଗର ନାମ ସହିତ ମେଳ ଖାଉଥିବା ଭଳି ନିଜର 'ୟୁଜର୍ ନେମ୍' ସୃଷ୍ଟି କରି ସରଳବିଶ୍ୱାସୀ ଶିକାରମାନଙ୍କୁ ସେମାନଙ୍କର ଜାଲରେ ପକାଇବା ଆହୁରି ସହଜ ହୋଇଯିବ । ଗତ ସପ୍ତାହରେ ଏଇ ସ୍ତମ୍ଭରେ ଆମେ 'ହ୍ୱାଟ୍ସଆପ୍' ପରି ଏକ ବିଶାଳ ଅନ୍ତର୍ଜାତୀୟ ସୋସିଆଲ ମିଡିଆ ଓ ଟେକ୍ନୋଲୋଜି କଂପାନିର ଗ୍ଲୋବାଲ୍ 'ସିଇଓ' ରୂପେ ଭାରତୀୟ ଦର୍ଶନଶାସ୍ତ୍ର ଛାତ୍ର କୁନାଲ ଶାହଙ୍କ ନିଯୁକ୍ତିର ସାଂପ୍ରତିକ ତାତ୍ପର୍ଯ୍ୟ ଅନୁଶୀଳନ କରିବାକୁ ଚେଷ୍ଟା କରିଥିଲୁ । ଏବେ ମନେ ହେଉଛି ଶାହ 'ହ୍ୱାଟ୍ସଆପ୍'ର ନିୟନ୍ତ୍ରଣ ରଜ୍ଜୁ ହାତରେ ଧରୁଣୁ ନ ଧରୁଣୁ ତାଙ୍କୁ ବର୍ତ୍ତମାନ ନିଜର ବୈଚାରିକ ସନ୍ତୁଳନ ଅକ୍ଷୁଣ୍ଣ ରଖି କାର୍ଯ୍ୟ କରିବା ନିମିତ୍ତ ସେ ଦର୍ଶନଶାସ୍ତ୍ରରୁ ଶିକ୍ଷା କରିଥିବା ନିର୍ଲିପ୍ତବାଦର ସୂକ୍ଷ୍ମ କୌଶଳମାନ ସ୍ମରଣ କରିବାକୁ ହେବ । କାରଣ ଏକ ଓଡ଼ିଆ ଢଗ ଅନୁସାରେ 'ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା' ପରି କୁନାଲ ଶାହ 'ହ୍ୱାଟ୍ସଆପ୍' ଘରେ ନ ପଶୁଣୁ ତାଙ୍କ ମୁଣ୍ଡରେ ଏକ କଠିନ ଚାଳର ଶକ୍ତ ଆଘାତ ଲାଗିଛି- ଭାରତ ସରକାର ରୂପକ ଚାଳ । 'ହ୍ୱାଟ୍ସଆପ୍' ସଦ୍ୟ ସଦ୍ୟ ଭାରତରେ ବ୍ୟବହାରକାରୀମାନଙ୍କ ପାଇଁ ସେମାନଙ୍କର ମୋବାଇଲ୍ ଫୋନ୍ ନମ୍ବର ପରିବର୍ତ୍ତେ ଏଣିକି 'ୟୁଜର ନେମ୍' ବା ଏକ ସ୍ୱତନ୍ତ୍ର ବ୍ୟବହାରକାରୀ ପରିଚୟ ବ୍ୟବହାର କରିବାକୁ ଯାଉଛି ବୋଲି ଘୋଷଣା କରିଥିଲା । ଭାରତ ସରକାର ତତ୍‌କ୍ଷଣାତ୍ 'ହ୍ୱାଟ୍ସଆପ୍'ର ମାତୃ-କଂପାନି 'ମେଟା'କୁ ଏକ ନୋଟିସ ଦେଇ ସରକାର ଏଥିପାଇଁ ଅନୁମତି ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏଇ ନୂତନ ଫିଚର୍ ଭାରତରେ ଆରମ୍ଭ ନ କରିବା ପାଇଁ ତାକୁ ନିର୍ଦ୍ଦେଶ ଦେଇ ସାବଧାନ କରିଦେଇଛନ୍ତି । ସରକାର ଏଥିପାଇଁ 'ମେଟା'କୁ ଜବାବ ଦାଖଲ କରିବାକୁ ଦେଇଥିବା ତିନି ଦିନର ସମୟ ସୀମା ଇତିମଧ୍ୟରେ ଅତିକ୍ରାନ୍ତ ହୋଇଗଲା ପରେ ପୁଣି ଆଉ ତିନି ଦିନର ମହଲତ ଦେଇଛନ୍ତି । ସମଗ୍ର ପ୍ରସଙ୍ଗର ପୁଙ୍ଖାନୁପୁଙ୍ଖ ଅନୁଶୀଳନ ପରେ ସରକାର ଯାହା ନିର୍ଦ୍ଦେଶ ଦେବେ 'ହ୍ୱାଟ୍ସଆପ୍'କୁ ସେଇ ଅନୁସାରେ କାର୍ଯ୍ୟ କରିବାକୁ ହେବ । କୁନାଲ ଶାହଙ୍କ ମୁଣ୍ଡକୁ ଆଘାତ ଦେଇଥିବା ଏଇ ସରକାରୀ ଚାଳ ଓ ତାହାର ଆବିର୍ଭାବ ପଛରେ ନିହିତ ଥିବା ଉପରୋକ୍ତ 'ୟୁଜର୍ ନେମ୍' ପ୍ରବର୍ତ୍ତନ ପାଇଁ 'ମେଟା'ର ଉଦ୍ୟମ ଉପରେ ଦୃଷ୍ଟି ନିକ୍ଷେପ କଲେ, ଏକ ଧାରଣା ସୃଷ୍ଟି ହୋଇଥାଏ ଯେ ଉଭୟ ପକ୍ଷଙ୍କର ଆଭିମୁଖ୍ୟ ହେଉଛି ଯୁକ୍ତିଯୁକ୍ତ । 'ହ୍ୱାଟ୍ସଆପ୍'ର ଏଇ ନୂତନ ପଦକ୍ଷେପ ଯେଉଁ ସରଳ ଯୁକ୍ତି ଉପରେ ପ୍ରତିଷ୍ଠିତ, ତାହା ହେଉଛି ନିମ୍ନୋକ୍ତ ଭଳି । ଏତେ କାଳ ଧରି ଭାରତରେ 'ହ୍ୱାଟ୍ସଆପ୍' ବ୍ୟବହାରକାରୀମାନଙ୍କର ପରିଚୟର ପ୍ରତିନିଧିତ୍ୱ କରି ଆସୁଥିଲା ସେମାନଙ୍କର ମୋବାଇଲ୍ ଫୋନ୍ ନମ୍ବର । ଗୁଡ୍‌ମର୍ନିଙ୍ଗ୍ ମେସେଜ୍‌ରୁ ନିମନ୍ତ୍ରଣ ପ୍ରେରଣ ପର୍ଯ୍ୟନ୍ତ କିମ୍ବା ଜୋକ୍ସ ବଂଟନରୁ ନିଜ ସମ୍ବନ୍ଧରେ କୌଣସି ସୂଚନା ପ୍ରସାରଣ ପର୍ଯ୍ୟନ୍ତରେ 'ହ୍ୱାଟ୍ସଆପ୍'ର ବ୍ୟବହାର ସୀମିତ ଥିବା ପର୍ଯ୍ୟନ୍ତ ଏଇ ମୋବାଇଲ୍ ଫୋନ୍ ନମ୍ବରଭିତ୍ତିକ ପରିଚୟ ବ୍ୟବସ୍ଥା ନିର୍ବିଘ୍ନରେ କାର୍ଯ୍ୟ କରିଚାଲିଥିଲା । ବର୍ତ୍ତମାନ କିନ୍ତୁ ଭାରତରେ ଏଇ ମେସେଜିଙ୍ଗ୍ ଆପ୍‌ର କ୍ରମବିବର୍ତ୍ତନ ଘଟି ତାହା ଏହାର ଅଗଣିତ ବ୍ୟବହାରକାରୀମାନଙ୍କ ପାଇଁ ଯେଉଁ ସମସ୍ତ ନିତ୍ୟ ନୂତନ ବିଭିନ୍ନ କିସମର କାର୍ଯ୍ୟ ସଂପାଦନରେ ବ୍ୟବହୃତ ଏକ ଅପରିହାର୍ଯ୍ୟ ମାଧ୍ୟମରେ ପରିଣତ ହୋଇଗଲାଣି, ସେଥିରେ ଅନ୍ତର୍ଭୁକ୍ତ- ବ୍ୟବସାୟ ପରିଚାଳନାରୁ ଆରମ୍ଭ କରି ଡାକ୍ତର ପରାମର୍ଶ ଓ ସରକାରୀ ସେବାରେ ଅଂଶଗ୍ରହଣ ଆଦି ପର୍ଯ୍ୟନ୍ତ । ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ ଏଥିମଧ୍ୟରୁ ଅନେକ ହୋଇଥାନ୍ତି ବ୍ୟବହାରକାରୀଙ୍କ ଦୃଷ୍ଟିରୁ ଗୋପନୀୟ ଶ୍ରେଣୀର । ତେଣୁ ଭାରତରେ 'ହ୍ୱାଟ୍ସଆପ୍'ର ପ୍ରଥମ ଆବିର୍ଭାବ ସମୟର ଚିତ୍ରରେ ବର୍ତ୍ତମାନ ଯେ ବ୍ୟାପକ ପରିବର୍ତ୍ତନମାନ ଘଟି ସାରିଲାଣି, ଏଥିରେ କୌଣସି ସନ୍ଦେହ ନାହିଁ- ଏହା ବର୍ତ୍ତମାନ ଅଧିକରୁ ଅଧିକ ଏକ ଗୋପନ ସୂଚନା ବହନକାରୀ ଦୂତରେ ପରିଣତ ହୋଇଗଲାଣି । ଆଉ ଏହି ଗୋପନୀୟତାକୁ ସୁରକ୍ଷିତ ରଖିବାରେ ସହାୟକ ହେବା ନିମିତ୍ତ ଏକ ମୋବାଇଲ୍ ଫୋନ୍ ନମ୍ବର ସ୍ଥାନରେ ଏକ 'ୟୁଜର୍ ନେମ୍'ର ବ୍ୟବହାର ଅଧିକ ଉପଯୋଗୀ ହେବ ବୋଲି ବିଶ୍ୱାସ କରାଯାଏ । କିନ୍ତୁ ଏ ସଂପର୍କରେ ସରକାରଙ୍କର ଉଦ୍‌ବେଗ ମଧ୍ୟ କିଛି କମ୍ ଯଥାର୍ଥ ନୁହେଁ । ଆମ ଦେଶରେ ଡିଜିଟାଲ ଟେକ୍ନୋଲୋଜିର ଦ୍ରୁତ ପ୍ରସାର ସହିତ ତାଳଦେଇ କିପରି ନୂଆ ନୂଆ ପ୍ରକାରର ସାଇବର ଠକେଇରେ ବିସ୍ଫୋରକ ବୃଦ୍ଧି ଘଟିବାରେ ଲାଗିଛି, ତାହା ଗଣମାଧ୍ୟମରେ ଦୈନନ୍ଦିନ ପ୍ରସାରିତ ନିୟମିତ କାହାଣୀରେ ପରିଣତ ହୋଇଛି । ଏହାର ଭୁକ୍ତଭୋଗୀମାନେ ଏଥିଯୋଗୁଁ ବେଳେବେଳେ ସର୍ବସ୍ୱାନ୍ତ ହେଉଥିବା ବେଳେ, ଅନ୍ୟମାନେ ନିଜ ପାଳିକୁ ଅପେକ୍ଷା କରି ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ସାଇବର ଠକମାନେ ନକଲି ବ୍ୟାଙ୍କ ଅଫିସରରୁ କଷ୍ଟମ୍‌ସ ଅଫିସର, କଷ୍ଟମର୍ କେଆର୍ ଏଜେଂଟରୁ ସିବିଆଇ ଅଫିସର ଆଦି ପର୍ଯ୍ୟନ୍ତ ଛଦ୍ମ ରୂପ ଧାରଣ କରି ଅସତର୍କ, ଅଜ୍ଞ, ନିରୀହ ମୋବାଇଲ୍ ଫୋନ୍ ବ୍ୟବହାରକାରୀମାନଙ୍କୁ ଲୁଟ୍ କରିବା ସେମାନଙ୍କ ପାଇଁ ଏକ ବିଧିବଦ୍ଧ ନୂତନ ପେସାରେ ପରିଣତ ହୋଇଗଲାଣି ।

ଏହା ହୃଦୟଙ୍ଗମ କରିବା କଷ୍ଟ ନୁହେଁ ଯେ 'ୟୁଜର୍ ନେମ୍'ର ପ୍ରଚଳନ ଆରମ୍ଭ ହୋଇଗଲେ ତାହା ଏଇ ଅପରାଧୀମାନଙ୍କ ପାଇଁ ଏକ ବରଦାନ ସଦୃଶ ହେବ । ସେମାନେ ଏହାକୁ ନିଜର ବିଶ୍ୱସନୀୟତାରେ ବୃଦ୍ଧି ଘଟାଇବାକୁ ଓ ନିଜର ଅସଲ ପରିଚୟ ଗୋପନ ରଖିବା ପାଇଁ ଏକ ପ୍ରକୃଷ୍ଟ ସାଧନ ଓ ଢାଙ୍କୁଣୀ ରୂପେ ବ୍ୟବହାର କରିବେ । ଉଦାହରଣ ସ୍ୱରୂପ ଏଇ ଅପରାଧୀମାନେ ବିଭିନ୍ନ ସରକାରୀ ଦପ୍ତର ବା ବିଭାଗର ନାମ ସହିତ ମେଳ ଖାଉଥିବା ଭଳି ନିଜର 'ୟୁଜର୍ ନେମ୍' ସୃଷ୍ଟି କରି ସରଳବିଶ୍ୱାସୀ ଶିକାରମାନଙ୍କୁ ସେମାନଙ୍କର ଜାଲରେ ପକାଇବା ଆହୁରି ସହଜ ହୋଇଯିବ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

**Mobile :** 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

**CITY OFFICE: B/204, SECTOR-16, ROURKELA, Pin :**769003







# ଲଇକେରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,୨୬/୮(ନି/ପ୍ର): ଲଇକେରା ବ୍ଲକ ଅନ୍ତର୍ଗତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନିର୍ମାଣାଧୀନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟ ଉଦ୍ୟୋଗ 'ୱାପକସ୍' ଦ୍ୱାରା ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପ ସ୍ଥଳରେ ଜିଲ୍ଲାପାଳ ପହଂଚି ବିଭିନ୍ନ ଭିତିଭୂମିର ତଦାରଖ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସଞ୍ଜୀବ କୁମାର ପଟେଲ ଉପସ୍ଥିତ ଥିଲେ। ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ତୁଳନାରେ ବିଳମ୍ବ ହୋଇଥିବାରୁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ନିର୍ମାଣର ଗୁଣବତା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ଚତୁଃପାର୍ଶ୍ୱ ସୀମା ପ୍ରାଚୀରର ଉଚ୍ଚତା ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ପରିସରକୁ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ପାଇଁ ମେଗା ୱାଟର ପ୍ରୋଜେକ୍ଟରୁ ବିଦ୍ୟାଳୟ ପର୍ଯ୍ୟନ୍ତ ପାଇପ୍ଲାଇନ୍ ସଂଯୋଗ କରିବା ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହ ତୁରନ୍ତ ଯୋଗାଯୋଗ କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସେପଟ୍ମ୍ବେର ୪ରୁ ଝାରସୁଗୁଡ଼ା-ଭୁବନେଶ୍ୱର ବିମାନ ସେବା ପୁଣି ଆରମ୍ଭ

ଝାରସୁଗୁଡ଼ା,୨୬/୮(ନି/ପ୍ର): ଯାତ୍ରୀମାନଙ୍କ ପାଇଁ ଖୁସି ଖବର। ଆସନ୍ତା ସେପଟ୍ମ୍ବେର ୪ ତାରିଖରୁ ଝାରସୁଗୁଡ଼ା-ଭୁବନେଶ୍ୱର ମଧ୍ୟରେ ପୁଣି ଆରମ୍ଭ ହେବ ସିଧାସଳଖ ବିମାନ ସେବା। ଷ୍ଟାର୍ ଏୟାର୍ ପକ୍ଷରୁ ଏହି ରୁଟ୍ ର ସେବା ପୁନଃ ଚାଲୁ କରାଯିବା ନେଇ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ସଂଶୋଧିତ କାର୍ଯ୍ୟସୂଚୀ ଦିଆଯାଇଛି।ବିମାନବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧୋଣ୍ଡିଆ ଏହି ସୂଚନା ଦେଇ କହିଛନ୍ତି ଯେ, ଷ୍ଟାର୍ ଏୟାର୍ ସେପଟ୍ମ୍ବେର ୪ରୁ ଝାରସୁଗୁଡ଼ା ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ପୁଣି ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ, ଷ୍ଟାର୍ ଏୟାର୍ ଅପରେସନାଲ୍ କାରଣ ଦର୍ଶାଇ ଅଗଷ୍ଟ ୧୭ରୁ ଅକ୍ଟୋବର ୨୪, ୨୦୨୬ ପର୍ଯ୍ୟନ୍ତ ହାଇଦ୍ରାବାଦ-ଝାରସୁଗୁଡ଼ା-ଭୁବନେଶ୍ୱର ରୁଟ୍ ରେ ବିମାନ ସେବା ବନ୍ଦ ରଖିବାକୁ ଘୋଷଣା କରିଥିଲା। ବିମାନ ଇନ୍ଧନ (ଏଟିଏଫ୍) ମୂଲ୍ୟ ବୃଦ୍ଧି ଯୋଗୁଁ ଏହି ରୁଟ୍ ର ପରିଚାଳନା ଆର୍ଥିକ ଦୃଷ୍ଟିରୁ ପ୍ରଭାବିତ ହୋଇଥିବା ସୂଚନା ମିଳିଥିଲା। ଏହା ସହିତ ରୁଟ୍ କୁ ଚାଲୁ ରଖିବା ପାଇଁ ଆଉ ୬ ମାସ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ବୃଦ୍ଧି କରିବାକୁ ଷ୍ଟାର୍ ଏୟାର୍ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି। ବିମାନ ସେବା ବନ୍ଦ ହେବା ପରେ ଝାରସୁଗୁଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପଶ୍ଚିମ ଓଡ଼ିଶାବାସୀଙ୍କ ସୁବିଧା ପାଇଁ ଭୁବନେଶ୍ୱର ସହ ସିଧାସଳଖ ବିମାନ ସଂଯୋଗ ପୁନଃସ୍ଥାପନ ଦାବି ଜୋରଦାର ହୋଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଏହି ପ୍ରସଙ୍ଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ନିକଟରେ ଉଠାଇଥିଲେ। ଝାରସୁଗୁଡ଼ା ଓ ପଶ୍ଚିମ ଓଡ଼ିଶାର ଲୋକଙ୍କ ପାଇଁ ଏହି ବିମାନ ସେବାର ଗୁରୁତ୍ୱ ସେ ଉଲ୍ଲେଖ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ଖୁବ୍ ଶୀଘ୍ର ସେବା ପୁନଃସ୍ଥାପନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ଦେଇଥିଲେ। ବର୍ତ୍ତମାନ୍ୱୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ନିୟମିତ ବିମାନ ଚଳାଚଳ କରୁଥିବା ଏକମାତ୍ର ଏୟାରଲାଇନ୍ସ ହେଉଛି ଇଣ୍ଡିଗୋ। ଏହା ଝାରସୁଗୁଡ଼ାକୁ ଦିଲ୍ଲୀ, କୋଲକାତା ଓ ଅନ୍ୟାନ୍ୟ ପ୍ରମୁଖ ସହର ସହ ଯୋଡ଼ିଥାଏ।

# ଲଇକେରା ବ୍ଲକ ମୁଖ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୨୪ଟି ଅଭିଯୋଗ ପତ୍ର ଗ୍ରହଣ:୨ ଜଣ ହିତାଧିକାରୀଙ୍କୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

ଝାରସୁଗୁଡ଼ା,୨୬/୮(ନି/ପ୍ର): ଲଇକେରା ବ୍ଲକ ମୁଖ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ଆଲୋଚନା କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୨୪ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା। ଦାଖଲ ହୋଇଥିବା ଆବେଦନ ଗୁଡ଼ିକ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମିଜମା ସମ୍ପର୍କିତ ବିବାଦ, ରାସ୍ତାଘାଟ ନିର୍ମାଣ ଓ ମରାମତି, ଜମି ଚିହ୍ନଟୀକରଣ, ବିଭିନ୍ନ ନିର୍ମାଣ କାର୍ଯ୍ୟ ସମ୍ବନ୍ଧୀୟ ସମସ୍ୟା ତଥା ଭେଣ୍ଡର ଲାଇସେନ୍ସ ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଧାରିତ ଥିଲା। ଜିଲ୍ଲାପାଳ ପ୍ରତ୍ୟେକଟି ଅଭିଯୋଗର ଗମ୍ଭୀରତାର ସହ ସମୀକ୍ଷା କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଚିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ



ଜରୁରୀକାଳୀନ ଚିକିତ୍ସା ତଥା ଆର୍ଥିକ ସହାୟତା ଆବଶ୍ୟକ କରୁଥିବା ୨ ଜଣ ଆବେଦନକାରୀଙ୍କୁ ସର୍ବମୋଟ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୧୦,୦୦୦ ଟଙ୍କା ଏବଂ ରେଡକ୍ରସ୍ ପାଣ୍ଠିରୁ ଅନ୍ୟ ଜଣେ ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲାପାଳ ପ୍ରତ୍ୟେକଟି ଅଭିଯୋଗର ଗମ୍ଭୀରତାର ସହ ସମୀକ୍ଷା କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଚିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପିଏମ୍ ଶ୍ରୀ କେନ୍ଦ୍ରୀୟ ପ୍ରଭାରୀଙ୍କ ଦୁଇ ଦିନିଆ ମାଲକାନଗିରି ଗସ୍ତ

ମାଲକାନଗିରି,୨୬/୮(ନି/ପ୍ର): ପିଏମ୍ ଶ୍ରୀ ସ୍କୁଲ ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ ରାଜୀବ ଶର୍ମା, ଭାରତୀୟ ପ୍ରଶାସନିକ ସେବା, ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ପ୍ରଭାରୀ ପ୍ରଥମେ ମାଲକାନଗିରି ବ୍ଲକ ସ୍ଥିତ ସିନ୍ଧ୍ରୀମାଲ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,ବାଲିମେଳା ପରିଦର୍ଶନ କରିଥିଲେ।

# ରେଙ୍ଗାଲି ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର



ସମ୍ବଲପୁର,୨୬/୮(ନି/ପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଏବଂ ଏସପିଙ୍କ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ଞ୍ଝ ଏହି ଶିବିରରେ ମୋଟ ୧୧୭ ଟି ଆବେଦନ ଗ୍ରହଣ କରାଯାଇ ଥିଲା । ଯେଉଁଥିରୁ ୬୯ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୪୫ ଟି ସମସ୍ୟା ଗୋଷ୍ଠୀଗତ ସମସ୍ୟା ସହିତ ଜଡିତ ଥିଲା । ସିଏମଆରଏଫ ଅଧୀନ ସହାୟତା ପାଇଁ ୩ ଜଣ ହିତଧିକାରୀଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ମଧୁବାବୁ ପେନସନ ଯୋଜନା ଅଧୀନରେ ମୋଟ ୧୨ ଜଣ ହିତାଧିକାରୀଙ୍କୁ ଭତା ମଞ୍ଜୁର କରାଯାଇଛି। ଏଥି ମଧ୍ୟରେ ୮ ଜଣଙ୍କୁ ବାର୍ଦ୍ଧକ୍ୟ ଭତା, ଜଣଙ୍କୁ ବିଧବା ଭତା, ଜଣେ ତୃତୀୟ ଲିଙ୍ଗୀ ଏବଂ ୨ ଜଣ ଅବିବାହିତ ମହିଳା ହିତାଧିକାରୀ ସାମିଲ ରହିଛନ୍ତି। ସେହିପରି ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ୮୪ ଜଣ ନୂତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ବ୍ୟତୀତ ୩ ଜଣ ଦିବ୍ୟାଙ୍ଗଙ୍କୁ ଚଳପ୍ରଚଳ ସୁବିଧା ନିମନ୍ତେ ହୁଇଲ୍ ଚେୟାର ବଂଟନ କରାଯାଇଛି।

# ଗୁରୁ ନିତ୍ୟାନନ୍ଦ ସେଠୀଙ୍କ ପରଲୋକ



ସମ୍ବଲପୁର,୨୬/୮(ନି/ପ୍ର): ବିଶିଷ୍ଟ ସଙ୍ଗୀତଜ୍ଞ ଗୁରୁ ନିତ୍ୟାନନ୍ଦ ସେଠୀଙ୍କର ଗତ ରବିବାର ରାତି ସାଢ଼େ ୮ଟା ସମୟରେ ୬୫ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। କିଛିଦିନ ଧରି ସେ କିଡନି ରୋଗରେ ଆକ୍ରାନ୍ତ ରହି ଚିକିତ୍ସିତ ହେଉଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ସେ ମୂଳ ବାସିନ୍ଦା ହୋଇଥିଲେ ମଧ୍ୟ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ସମ୍ବଲପୁରରେ ସ୍ଥାୟୀ ବାସିନ୍ଦା ଭାବେ ରହି ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟରେ ସଂଗୀତ ଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ନବାଗତ ଉଦୀୟମାନ ଛାତ୍ରଛାତ୍ରୀଙ୍କୁ ସଙ୍ଗୀତ ଶିକ୍ଷା ଦେଇ ଆସୁଥିଲେ। ଏପରିକି ପଶ୍ଚିମ ଓଡ଼ିଶାରେ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାକୁ ବିଧିବଦ୍ଧ ଭାବରେ ବଂଚାଇ ରଖି ଅଗଣିତ ବିଦ୍ୟାର୍ଥୀ ସୃଷ୍ଟି କରିବାରେ ଗୁରୁ ଶ୍ରୀ ସେଠିଙ୍କ ଭୂମିକା ଉଲ୍ଲେଖନୀୟ। ଏତଦ୍‌ବ୍ୟତୀତ ଲଘୁ ସଙ୍ଗୀତ, ଆଧୁନିକ ସଙ୍ଗୀତ କ୍ଷେତ୍ରରେ ମଧ୍ୟ ସେ ସ୍ୱତନ୍ତ୍ର ପାରଦର୍ଶୀତା ହାସଲ କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନର ସେ ଜଣେ ଉଚ୍ଚବର୍ଗର କଣ୍ଠଶିଳ୍ପୀ ଓ ସ୍ୱର ସଂଯୋଜକ ଭାବରେ ମଧ୍ୟ ନିଜର ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ଭଜନ, ଜଣାଣ, ଛାନ୍ଦ, ଓଡ଼ିଶୀ, ଆଧୁନିକ ଗୀତ ଓ ଶାସ୍ତ୍ରୀୟ ସଙ୍ଗୀତ ଶିଖାଇବାରେ ଓ ଗାଇବାରେ ସେ ଜଣେ ଆଗଧାଡ଼ିର କଳାକାର ଥିଲେ। ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳ, ମୁମ୍ବାଇ ଦ୍ୱାରା ଆୟୋଜିତ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରୀକ୍ଷାରେ ଓଡ଼ିଶାର ବହୁ ପ୍ରାନ୍ତରେ ସେ ବହୁବାର ନିରୀକ୍ଷକ ଭାବରେ ଦାୟିତ୍ୱ ନିର୍ବାହ କରିବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ସେ କବରାପାଲିର ଲୋକନାଟକ ଦଳରେ ମଧ୍ୟ ବହୁ ବର୍ଷ ସଙ୍ଗୀତ ସଂଯୋଜନା କରିଥିଲେ। ଶ୍ରୀ ନିତ୍ୟାନନ୍ଦ ସେଠିଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶାର କଳା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ବହୁ କଳାକାର, ସମାଜସେବୀ, ସାଂସ୍କୃତିକ କର୍ମୀ ଓ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି। ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ପରଲୋକ ପରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆ ଯାଇଥିଲା। ସୋମବାର ପୂର୍ବାହ୍ଣରେ ବଡ଼ପୁଅ ଶୁଭେନ୍ଦୁ ସେଠୀ ମୁଖାଗ୍ନୀ ଦେବାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଡିଏଭି ପରିସରରେ ସଂସ୍କୃତ ସପ୍ତାହ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୬/୮(ନି/ପ୍ର): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ସପ୍ତାହବ୍ୟାପୀ ସଂସ୍କୃତ ସପ୍ତାହ ଆଜି ଉତ୍ସାହ ଓ ଉଦ୍ଦୀପନାର ସହିତ ଉଦଘାଟିତ ହୋଇଯାଇଛି । ପ୍ରାଚୀନ ଭାରତୀୟ ଜ୍ଞାନ, ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧର ବାହକ ସଂସ୍କୃତ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ଉଦଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନପୂର୍ବକ ସଂସ୍କୃତ ଭାଷାର ମହତ୍ୱ ଓ ଆଧୁନିକ ସମୟରେ ଏହାର ପ୍ରାସଙ୍ଗିକତା ସନ୍ଦର୍ଭରେ ଆଲୋକପାତ କରିଥିଲେ । ସଂସ୍କୃତ କେବଳ ଏକ ପ୍ରାଚୀନ ଭାଷା ନୁହେଁ, ଏହା ଭାରତୀୟ ଜ୍ଞାନ ପରମ୍ପରା, ଦର୍ଶନ, ସାହିତ୍ୟ ଓ ବୈଜ୍ଞାନିକ ଚିନ୍ତନର ଏକ ମହତ୍ୱପୂର୍ଣ୍ଣ ଭିତି ବୋଲି ମତ ପ୍ରକାଶ କରିଥିଲେ । ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ସଂସ୍କୃତ ଶ୍ଳୋକ ଆବୃତି, ସୁଭାଷିତ ପାଠ, ବକ୍ତୃତା, ରଚନା, ଗୀତାସାର, ପ୍ରଶ୍ନୋତର, ସଂସ୍କୃତ ଗୀତ ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହେବାର ଯୋଜନା ରହିଛି । ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭାଷା ଦକ୍ଷତା, ସୃଜନଶୀଳତା ଓ ଭାରତୀୟ ସଂସ୍କୃତି ପ୍ରତି ଗର୍ବବୋଧ ବୃଦ୍ଧି ପାଇବ ବୋଲି ବିଦ୍ୟାଳୟ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ବରିଷ୍ଠ ଶିକ୍ଷକ ଅକ୍ଷୟ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍ମୃତି ମହାପାତ୍ର ସଂସ୍କୃତର ଆବଶ୍ୟକତା ସମ୍ପର୍କରେ ଭାବବ୍ୟକ୍ତ କରିଥିଲେ । ଅଶ୍ୱିନୀ କୁମାର ଝା, ଶିବମ ଦେବତା, ଇଶିତା ଅୱସ୍ଥି, ହର୍ଷିତା ତିୱାରୀ, ଅଂଶ ରାଜ, ରିଷିତା ଭଟ୍ଟର, ଆରୋହି କିର୍ତୀୱାର ପ୍ରମୁଖ ଛାତ୍ରଛାତ୍ରୀ ସଭା ପରିଚାଳନା, ପ୍ରାର୍ଥନା, ଶପଥ, ଅନୁଚିନ୍ତା, ଗାୟତ୍ରୀ ମନ୍ତ୍ର ଓ ଖବର ପାଠ ସମ୍ପୂର୍ଣ୍ଣ ଭାବେ ସଂସ୍କୃତ ଭାଷାରେ ପରିବେଷଣ କରିଥିଲେ ।



# ପ୍ରଣବ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

ଗଞ୍ଜାମ,୨୬/୮(ନି/ପ୍ର): ଓଡ଼ିଶାର ଅତିପ୍ରିୟ ପ୍ରଖ୍ୟାତ ଗାୟକ ତଥା କଣ୍ଠଶିଳ୍ପୀ ପ୍ରଣବ କୁମାର ପଟନାୟକଙ୍କ ଦେହାନ୍ତ ସମସ୍ତ ଓଡ଼ିଆ ସଂଗୀତ ତଥା କଳାପ୍ରେମୀଙ୍କ ପାଇଁ ଏକ ଗଭୀର ଦୁଃଖଦ ଖବର । ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ଏହି ମହାନ କଳାକାରଙ୍କ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତିଚାରଣ ସଭା ସିଦ୍ଧାର୍ଥନଗର ମୁଖ୍ୟ ରାସ୍ତାସ୍ଥିତ ହିମାନି ସେଲିବ୍ରେସନରେ ଗତକାଲି ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ।ଏଥିରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ର, ସମ୍ପାଦକ ମହମଦ ଆସଲାମ, ଉପସଭାପତି ମହେନ୍ଦ୍ର ନାଥ ସାହୁ ଓ ହର ମୋହନ ପାଣିଗ୍ରାହୀ, କୋଷାଧକ୍ଷ ସୁନୀଲ କୁମାର ସାହୁ,ଡ଼ କୈଳାସ ଚନ୍ଦ୍ର ତ୍ରିପାଠୀ, ଇସ୍ମାଇଲ ଖାନ, ସୁବାସ ଚନ୍ଦ୍ର ପଟନାୟକ, ସଞ୍ଜୟ ଅଚାରୀ, ଡାକ୍ତର ରାମହରୀ ଖଣ୍ଡୁଆଳ, ଶ୍ରୀମତୀ ଜୟନ୍ତୀ ପାତ୍ର, ଶ୍ରୀମତୀ ପଦ୍ମିନୀ ମିଶ୍ର, କେଶବ ଚନ୍ଦ୍ର ସାହୁ, ମିଳନ କୁମାର ସାହୁ, ଚିନ୍ମୟ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଣବ ପଟନାୟକଙ୍କ ଓଡ଼ିଆ ବିଷୟରେ ସ୍ମୃତି ଚାରଣ କରିଥିଲେ।

# ସମ୍ବଲପୁର କ୍ରୀଡ଼ା ଛାତ୍ରାବାସର ଦୁଇ ଖେଳାଳୀ ଓଡ଼ିଶା ଜୁନିଅର ଫୁଟବଲ୍ ଦଳରେ ସାମିଲ

## କୋଚ୍ ଅଜୟ କୁମାର ବେହେରା ହେଲେ ମୁଖ୍ୟ ପ୍ରଶିକ୍ଷକ

ସମ୍ବଲପୁର,୨୬/୮(ନି/ପ୍ର):ଆସନ୍ତା ଅଗଷ୍ଟ ୨୫ରୁ ସେପଟ୍ମ୍ବେର ୯ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜୁନିଅର ବାଳକ ଜାତୀୟ ଫୁଟବଲ୍ ଚାମ୍ପିଅନସିପ୍ (ଡ଼ଃ ବି. ସି. ରାୟ ଟ୍ରଫି ୨୦୨୬-୨୭) ପାଇଁ ସମ୍ବଲପୁର ଜିଲ୍ଲାର ଦୁଇଜଣ ଉଦୀୟମାନ ଖେଳାଳି ଓଡ଼ିଶା ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ସମ୍ବଲପୁର କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ପଡ଼ିଆବାହାଲର ଶ୍ରୀଶମ୍ଭୁ ମିର୍ଦ୍ଧା ଏବଂ କମିଶନର୍ କଲୋନୀର ସୁବାଷ ମୁଣ୍ଡା ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ମନୋନୀତ ହୋଇଛନ୍ତି। ଏହା ସହିତ ସମ୍ବଲପୁର କ୍ରୀଡ଼ା ଛାତ୍ରାବାସର ଫୁଟବଲ୍ କୋଚ୍ ଅଜୟ କୁମାର ବେହେରାଙ୍କୁ ଓଡ଼ିଶା ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ମନୋନୀତ କରାଯାଇଛି, ଯାହା ସମ୍ବଲପୁର କ୍ରୀଡ଼ା କ୍ଷେତ୍ର ପାଇଁ ଏକ ବଡ଼ ସଫଳତା। ଏହି ଉଲ୍ଲେଖନୀୟ ଅର୍ଜନ ପାଇଁ ଖେଳାଳି ଓ କୋଚ୍‌ଙ୍କୁ ସ୍ଥାନୀୟ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରେମୀ ଓ ଜନସାଧାରଣଙ୍କ ତରଫରୁ ଅଭିନନ୍ଦନ ଜଣାଯିବା ସହ ଆଗାମୀ ଜାତୀୟ ଚାମ୍ପିଅନସିପ୍ରେ ଓଡ଼ିଶା ଦଳର ଭଲ ପ୍ରଦର୍ଶନ ଓ ସଫଳତା କାମନା କରାଯାଇଛି।

# ଶକ୍ତି କେନ୍ଦ୍ର ବୈଠକ, ବିଜେପିରେ ଯୋଗଦେଲେ ଦୁଇ ମହିଳା

ନୂଆପଡ଼ା,୨୬/୮(ନି/ପ୍ର): ଭାରତୀୟ ଜନତା ପାର୍ଟି ଖଡ଼ିଆଳ ରିଷିପିଟି ମଣ୍ଡଳ ଅନ୍ତର୍ଗତ ବଡ଼ଦୋହେଲ ଶକ୍ତି କେନ୍ଦ୍ରର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତୀ ଯୋଗଦେଇ ଶକ୍ତି କେନ୍ଦ୍ର ଅନ୍ତର୍ଗତ ବୁଥ୍ ସଭାପତି, ସମ୍ପାଦକ ଓ ବିଏଲଏ ୨ ଙ୍କୁ ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ବଡ଼ଦୋହେଲର ପୂର୍ବତନ ସରପଂଚ ଲୟା ବାଗ ଓ ରେଖା ଦର୍ଜୀ ବିଜେପିର ନୀତି, ଆଦର୍ଶ ଓ ରାଷ୍ଟ୍ରବାଦୀ ବିଚାରଧାରାରେ ଅନୁପ୍ରାଣିତ ହୋଇ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ। ବୈଠକରେ ରିଷିପିଟି ମଣ୍ଡଳ ସଭାପତି ସୁଶାନ୍ତ କୁମାର ବିଶି, ସୁନ୍ଦର ମଣ୍ଡଳ ସଭାପତି ରତ୍ନାକର ହଂସ, ଜିଲ୍ଲା ଉପସଭାପତି ରାତ୍ରନନ୍ଦ ମନହିଁରା, ରିଷିପିଟି ମଣ୍ଡଳ ପ୍ରଭାରୀ ତଥା ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ ଦାସ, ଜୋନ୍ ନମ୍ବର ୬ ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ମଣ୍ଡଳ ଉପସଭାପତି ଚୁଳଚୁଳ ଗହୀର, ବିଦ୍ୟାଧର ମହାପାତ୍ର, ମଣ୍ଡଳ ସମ୍ପାଦକ ତଥା ବଡ଼ଦୋହେଲ ଶକ୍ତି କେନ୍ଦ୍ର ପ୍ରଭାରୀ ଉଦୟ ସିଂ ବାବୁଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ପ୍ରେମ ମାଝୀ, ମଙ୍ଗଳ ମାଝୀ, ସମ୍ବିତ ମହାନ୍ତି, ବିନୋଦ ସାହୁ, ମକଡ଼ ସାହୁ, ଜଳଧର ତାଣ୍ଡି, ଉମାକାନ୍ତ ସଗରିଆ ଓ ଶକ୍ତି କେନ୍ଦ୍ର ସଭାପତି ମନୋଜ କୁମାର ଗହୀରଙ୍କ ସମେତ ଶକ୍ତି କେନ୍ଦ୍ରର ବିଭିନ୍ନ ପଦାଧିକାରୀ ଓ କାର୍ଯ୍ୟକର୍ତା ନବାଗତ ଦୁଇ ମହିଳାଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ନବାଗତ ଦୁଇ ମହିଳା ଦଳକୁ ତୃଣମୂଳ ସ୍ତରରେ ଆହୁରି ସଶକ୍ତ ଓ ସୁଦୃଢ଼ କରିବା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଥିଲେ।

# ଡମ୍ପିଂୟାର୍ଡ ପାଇଁ ସହରବାସୀ ଓ ଛାତ୍ରଛାତ୍ରୀ ହଟହଟା

ଜୟପୁର,୨୬/୮(ନି/ପ୍ର): ଜୟପୁର ପୌରପାଳିକା ଡମ୍ପିଂୟାର୍ଡକୁ ନେଇ ଦେଖାଯାଉଛି ସମସ୍ୟା । ଜୟପୁର ସହର ନିକଟ ମକାପୁଟ ଠାରେ ୬ ଏକର ଜମିରେ ହୋଇଛି ଡମ୍ପି ୟାର୍ଡ଼ । ମକାପୁଟ ବାଳିକା ସେବାଶ୍ରମର ୫୦ ମିଟର ଦୂରରେ ଆବର୍ଜନା ଗଦା ହେଉଥିବାରୁ ଦୁର୍ଗନ୍ଧରେ ରହିପାରୁ ନାହାନ୍ତି ବାଳିକା ସେବାଶ୍ରମର ଛାତ୍ରୀ । ଏଠାରେ ପାଠ ପଢୁଛନ୍ତି ୨୫୦ ଛାତ୍ରୀ । ଆବର୍ଜନା ଯୋଗୁଁ ସଂକ୍ରମଣ ହେବା ଆଶଂକା ଦେଖାଦେଇଛି । ସହର ସଫେଇ ଦାୟିତ୍ୱ ନେଇଥିବା ସଂସ୍ଥା ଗ୍ରୀନ୍ ଟ୍ରିବ୍ୟୁନାଲ୍‌ଙ୍କ ନିର୍ଦ୍ଦେଶକୁ ମାନୁ ନଥିବା ଅଭିଯୋଗ ହୋଇଛି। ନୂତନ ଜାତୀୟ ରାଜପଥ ଆଡକୁ ମାଡି ଆସୁଛି କୂଢକୂଢ ଅଳିଆ । ବର୍ତମାନ ଏହି ଡମ୍ପଙ୍ଗୀ ୟାର୍ଡ ର ଅଳିଆ ଦୁର୍ଗନ୍ଧ ରେ ନାକେଦମ ନିକଟରେ ଥିବା ମକାପୁଟ ସେବାଶ୍ରମ ର ଛାତ୍ରଛାତ୍ରୀ ଞ୍ଝ ସହର ର ସମସ୍ତ ଅଳିଆକୁ ଏଠାରେ ପକାଇ ସେଥିରୁ ଜୈବିକ ଖତ ପ୍ରସ୍ତୁତ କରିବା ପାଇଁ କରାଯାଇଥିଲା ଏହି ମୋ ଖତ ପ୍ରସ୍ତୁତି କେନ୍ଦ୍ର । ସବୁଠାରୁ ବଡକଥା ଖତ କେନ୍ଦ୍ର ରେ ଖତ ପ୍ରସ୍ତୁତ ତ ହେଲା ସତ ହେଲେ ସେଠାରୁ ବାହାରୁଥିବା ଦୁର୍ଗନ୍ଧ ରେ ଏବେ ବେହାଲ ନିକଟସ୍ଥ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ବସବାସ କରୁଥିବା ସହର ବାସୀ । ଖାଲି ସେତିକି ନୁହେ ବର୍ତମାନ ଏହି ଖତ ସଂଗ୍ରହ କେନ୍ଦ୍ର ର ସୁରକ୍ଷା ପାଚେରି ଭି ଭାଙ୍ଗି ଯିବାରୁ ବର୍ତମାନ ଗୃହ ପାଳିତ ପଶୁ ଭି ସେହି ଭିତର କୁ ଯାଇ ପଚାଷଢା ଖାଦ୍ୟ ଖାଉଛନ୍ତି ଯାହା ବର୍ତମାନ ସେମାନଙ୍କ ଜୀବନ କୁ ଭି ବିପଦ ରେ ପକାଇଛି । ତା ସହିତ ମୋ ଖତ ପ୍ରସ୍ତୁତି କେନ୍ଦ୍ର ରେ ଚିତବିନୋଦନ ପାଇଁ ଏକ ପାର୍କ ଭି କରା ଯାଇଛି କିନ୍ତୁ ଏଠି ପ୍ରଶ୍ନ ଉଠୁଛ ଦୁର୍ଗନ୍ଧ ଲାଗି ଯୋଉଠି ଲୋକମାନେ ଏକ ମିନଟ ଭି ଠିଆ ହୋଇ ପାରୁ ନାହାନ୍ତି ଶେଠୀ ପାର୍କ ର ପରି କଳ୍ପନା କାହା ସ୍ୱାର୍ଥ ରେ। ବର୍ତମାନ ସ୍ଥାନୀୟ ବାସିନ୍ଦା ମାନେ ଦାବି କରିଛନ୍ତି କି ଆଗାମୀ ଦିନରେ ଏହି ମୋ ଖତ କେନ୍ଦ୍ରକୁ ତୁରନ୍ତ ସେଠାରୁ ସ୍ଥାନାନ୍ତରିତ କରି ସହର ଓ ଜନ ବସତି ଠାରୁ ଦୂର ରେ କରାଯାଉ ବୋଲି ଦାବି କରିଛନ୍ତି । ଅନ୍ୟପଟେ ଏହି ସମସ୍ୟାକୁ ନେଇ ଅଧିକାଂଶ ହଟହଟା ହେଉଛନ୍ତି ପାଖକୁ ଲାଗି ରହିଥିବା ସେବାଶ୍ରମ ବିଦ୍ୟାଳୟ ର ପ୍ରାୟ ୨୫୦ ରୁ ଅଧିକା ଛାତ୍ରଛାତ୍ରୀ । ଏହି ଘଟଣା କୁ ନେଇ ପୌର ଅଧକ୍ଷକୁ ପଚାରିବାରୁ ସେ କହିଛନ୍ତି ପୂର୍ବରୁ ଡମ୍ପଙ୍ଗ ୱାର୍ଡ ପାଇଁ ୬ ଏକର ଜମି ରହିଥିବା ବେଳେ ଜାତୀୟ ରାଜ ପଥ ଯିବାରୁ ବର୍ତମାନ ତାହା କମି ଯାଇ ୪ ଏକର ରେ ପହଂଚିଛି । ବର୍ତମାନ ନୂତନ ସ୍ଥାନ ପାଇଁ ପ୍ରଶାସନିକ ସ୍ତର ରେ ଚାଲିଛି ମୋ ଖତକେନ୍ଦ୍ର ପାଇଁ ସ୍ଥାନ ନିରୂପଣ ପ୍ରକ୍ରିୟ ଓ ଅତି ଶୀଘ୍ର ଏହାକୁ ନୂଆ ସ୍ଥାନ ରେ ନିର୍ମାଣ କରାଯିବ ଛତା ସହିତ ସ୍ଥାନୀୟ ବାସିନ୍ଦା ମାନେ ଗାଈ ଗୋରୁ କୁ ଖୋଲାରେ ଛାଡିବା ଦ୍ୱାରା ଦୁର୍ଘଟଣା ଭି ହେଉଛି ଓ ପଶୁ ଜନ୍ତୁ ମାନେ ବାହାର ପଲଥିନ ଭି ଖାଉଛନ୍ତି ଯାହା ଫଳରେ ବିପଦ ହେଉଛି। ବର୍ତମାନ ଡମ୍ପିଂୟାର୍ଡ ଚାରିପାଖେ କାମଚଳା ବାଉଣ୍ଡରି କରିବାକୁ ଯୋଜନା ଓ ତା ସହିତ ଯୋଉ ମଇଳା ରାସ୍ତା କୁ ଆସୁଥିଲା ବର୍ତମାନ ତାହା ଆଉ ରାସ୍ତା କୁ ନ ଆସିବା ପାଇଁ ଜେସିବି ଭି ଲଗା ଯାଇଥିବା କଥା କହିଛନ୍ତି ଜୟପୁର ଉପ ଜିଲ୍ଲାପାଳ ଅକା ବରମ ଶାଶ୍ୟ ରେଡ଼ି। ତେଣୁ ପୌର ପ୍ରଶାସନ ତୁରନ୍ତ ଡମ୍ପି ୟାର୍ଡ଼ କୁ ଅନତ୍ର କୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି।




# ରାକ୍ଷୀ ପୂର୍ଣ୍ଣିମାକୁ ନେଇ ଚଳଚଂଚଳ ଇସ୍ପାତ ସହର



ରାଉରକେଲା,୨୬/୮(ନି/ପ୍ର): ଆଉ ମଝିରେ ଗୋଟିଏ ଦିନ, ଆସୁଛି ରାକ୍ଷୀ ପୂର୍ଣ୍ଣିମା। ରକ୍ଷା ବନ୍ଧନର ଏହି ପବିତ୍ର ଅବସରରେ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥାଆନ୍ତି। ରାଉରକେଲା ସ୍ମାର୍ଟ ସିଟିରେ, ମହିଳା ଏବଂ ଭଉଣୀମାନେ ରାକ୍ଷୀ କିଣିବା ପାଇଁ ଜୋରସୋରରେ ବଜାରର ଦୋକାନରେ ଭିଡ ଜମାଇଛନ୍ତି। ଏଥର ଦୋକାନୀମାନେ ସେମାନଙ୍କ ଦୋକାନରେ ଆକର୍ଷଣୀୟ ରାକ୍ଷୀ ବିକ୍ରି କରୁଛନ୍ତି। ବଜାରର ଦୋକାନଗୁଡ଼ିକରେ ରାକ୍ଷୀ ୧୦ ଟଙ୍କାରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ରାକ୍ଷୀ ରଖାଯାଇଛି। ଅନ୍ୟପକ୍ଷରେ,ମହିଳାମାନଙ୍କ ପାଇଁ ଲମ୍ବା ଆକର୍ଷଣୀୟ ଡିଜାଇନ୍ ସହିତ ରାକ୍ଷୀ ଅଣାଯାଇଛି। ଆଜି ରାଉରକେଲା ସହରର ଡେଲି ମାର୍କେଟ,ଟ୍ରାଫିକ୍ ମାର୍କେଟ, ଜିଟି ଲେନ୍, ବାସନ୍ତୀ କଲୋନି, ଛେଣ୍ଡ ମାର୍କେଟ, ପାନପୋଷ ମାର୍କେଟ, ଫର୍ଟିଲାଇଜର ମାର୍କେଟ, ଇସ୍ପାତ ମାର୍କେଟ, ଆମ୍ବବାଗାନ୍ ମାର୍କେଟ, ସେକ୍ଟର-୧୬ ମାର୍କେଟ ସମେତ ଇସ୍ପାତ ସହରାଂଚଳର ବିଭିନ୍ନ ବଜାରରେ ରାକ୍ଷୀ ବିକ୍ରି ହେଉଛି। ୨୮ ତାରିଖ ଶୁକ୍ରବାର ଦିନ ରାକ୍ଷୀ ପର୍ବ ପାଳନ କରାଯିବ। ଭଉଣୀମାନେ ସେମାନଙ୍କ ଭାଇମାନଙ୍କୁ ମିଠା ଖୁଆଇ ହାତରେ ରାକ୍ଷୀ ବାନ୍ଧିବେ, ଯାହା ଯୋଗୁଁ ରାଉରକେଲା ସହରର ବଜାରରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ, କପଡ଼ା ଦୋକାନ ସମେତ ଶୁଖିଲା ଫଳ ଦୋକାନରେ ମଧ୍ୟ କିଣାକଟା କରାଯାଉଛି।

# ଏନଆଇଟିଆର ପକ୍ଷରୁ ବିକାଶ ପାଣ୍ଠିକୁ ୧ କୋଟି ୧୮ଲକ୍ଷ ପ୍ରଦାନ



ରାଉରକେଲା ୨୬/୮(ନି/ପ୍ର): ଏନ୍‌ଆଇଟିର ବିକାଶ ପାଣ୍ଠିକୁ ପୁରାତନ ଛାତ୍ର ସଂଘ ନିଟ୍ରା ତରଫରୁ ୧ କୋଟି ୧୮ ଲକ୍ଷ ୧୧ ହଜାର ୧୧୧ ଟଙ୍କା ପ୍ରଦାନ କରାଯାଇଛି। ଏନ୍‌ଆଇଟିର ୧୯୭୧ ବ୍ୟାଚ୍ ତରଫରୁ ୧୮ ଲକ୍ଷ ଟଙ୍କା ଯାହା ଦ୍ୱାରା ୧୨ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବେଳେ ନିଟ୍ରା ତରଫରୁ ୧ କୋଟି ୧୧ ହଜାର ୧୧୧ ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ୮୦ ଜଣ ଛାତ୍ରଛାତ୍ରୀ ବୃତ୍ତି ପାଉଥିବା ବେଳେ ଏଥର ୯୨ ଜଣ ଛାତ୍ର ବୃତି ପାଇବେ। ଏହି ଅର୍ଥ ଅନୁଷ୍ଠାନର ହିତ ଯଥା ଛାତ୍ର ବୃତି, ଗବେଷଣା ଓ ଭିତିଭୂମିର ଉନ୍ନତି ଆଦି ପ୍ରକଳ୍ପରେ ବିନିଯୋଗ କରାଯିବ। ସେହିପରି ଆଗାମୀ ଦିନରେ ଏହି ଛାତ୍ରବୃତି ଶହେକୁ ଛୁଇଁବ ବୋଲି ନିଟ୍ରା ତରଫରୁ କୁହାଯାଇଛି। ଏହି ଅର୍ଥରାଶିକୁ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ ଉମା ମହେଶ୍ୱର ରାଓ ଗ୍ରହଣ କରି ନିଟ୍ରାକୁ ଧନ୍ୟବାଦ ଦେବାସହ ଏଭଳି ମନୋଭାବକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଟ୍ରାର ସଭାପତି ଫକୀର ଚରଣ ମହାନ୍ତି, ସମ୍ପାଦକ ଡ ହୃଷିକେଶ ନାଏକ, ରାଉରକେଲା ଚାପ୍ଟର ସଭାପତି ବିମଳ କୁମାର ବିଶି, ଭାରତ ଭୂଷଣ ମହାନ୍ତି, ଅସୀମ ସାବତ, ସ୍ୱରୂପ କୁମାର ପାଣିଗ୍ରାହୀ, ଉଦୟ ପଟେଲ, ପ୍ରବୋଧ ପାଢ଼ୀ, ଜି ପି ମାଲାନୀ, ଆର ପି ଗୁପ୍ତା, ବିଜୟ ଦାସ, ରାହୁଲ ଅଗ୍ରୱାଲ, ସରୋଜ ଦାଶ, ସମ୍ପଦ ମିଶ୍ର ଓ ଏନ୍‌ଆଇଟିର ପ୍ରଫେସର ଡଃ ପୁନମ ସିଂ, ଡଃ ସରୋଜ ପଟେଲ, ଡଃ ଅର୍ଚ୍ଚନା ମଲ୍ଲିକ, ଡଃ ଦୀପ୍ତିଲତା ପାତ୍ର, ଡଃ ଶାନ୍ତନୁ ବେହେରା, ଡ଼ଃ ସୂରଜ ବେହେରା, ଡଃ ହିମାଂଶୁ ଶତପଥୀ, ରେଜିଷ୍ଟ୍ରାର ରୋହନ ଧୀମାନ, ଡଃ ପଙ୍କଜ ସା, ଡଃ ଶରତ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ମହାନ୍ତି, ଶ୍ରୀ ବିଶି, ବି ବି ମହାନ୍ତି ପ୍ରମୁଖ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲା ବେଳେ ଶେଷରେ ସମ୍ପାଦକ ଡଃ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ପବିତ୍ର ଇଦ ମିଲାଦ-ଉନ-ନବୀ ଅବସରରେ ବୀରମିତ୍ରପୁର ବିଧାୟକ ଶ୍ରୀ ରୋହିତ ଜୋସେଫ ତିର୍କୀଙ୍କ ଯୋଗଦାନ



ବୀରମିତ୍ରପୁର,୨୬/୮(ନି/ପ୍ର): ଆଜି ବୀରମିତ୍ରପୁର ଠାରେ ୧୫୦୧ ତମ ଇଦ ମିଲାଦ-ଉନ-ନବୀ ମହା ସମାରୋହରେ ମାନ୍ୟବର ବୀରମିତ୍ରପୁର ବିଧାୟକ ଶ୍ରୀ ରୋହିତ ଜୋସେଫ ତିର୍କୀ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଲେ। ଶୋଭାଯାତ୍ରାରେ ସାମିଲ ହୋଇ ଭକ୍ତମାନଙ୍କୁ ଜିଲାପି ବଂଟନ କଲେ ଏବଂ ଶାନ୍ତି, ସଦଭାବ ଏବଂ ଭାଇଚାରାର ବାର୍ତା ଦେଲେ। ଏହି ଅବସରରେ ପୋଲିସ ପ୍ରଶାସନ ତରଫରୁ ସ୍ୱଦପ ବୀରମିତ୍ରପୁର ପୁଷ୍ପେନ୍ଦୁ ସାଗର , ଥାନା ପ୍ରଭାରି ରାମ ପ୍ରସାଦ ନାଗ, ପୌର ଅଧକ୍ଷା ସନ୍ଦୀପ ମିଶା, ଉପାଧାକ୍ଷା ନିବେଦିତା ବାଗେ, ୱାର୍ଡ କାଉନସିଲର କମଲେଶ ସିଂ, ବରିଷ୍ଠ ନେତା ଜଗଦୀଶ ଅଗ୍ରୱାଲ, ବିଜେଡ଼ି ନଗର ସଭାପତି କୁନା ଦେଓ, ବିକ୍ରମ ପଟନାୟକ, ଏବଂ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅଞ୍ଜୁମାନ ଇନ୍ତହାଦୁଲ ମୁସଲେମିନ ତରଫରୁ ଆୟୋଜନ କରା ଯାଇଥିଲା କମିଟିର ସଭାପତି ଏମଡି ଅକ୍ଷତର, ସମ୍ପାଦକ ଅବଦୁଲା ଖାଁ, ଏମଡି ନାଇଁମ, ଏମଡି ଇର୍ଷାଦ ଖାଁ, ଆବୁଲ ଖଇର, ଆଲମ, ଏମଡି ହେରା ,ଏମଡି ଏଜାଜ ଆଲମ, ତାହସୀନ ରାଜା, ସାକିବ ରାଜା, ଏମଡି ସାଜିଦ ଏବଂ ଅନନ୍ୟା ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଧାରଣା

ବଲାଙ୍ଗୀର,୨୬/୮(ନି/ପ୍ର): ଭାରତ ସରକାରଙ୍କ ପ୍ରସ୍ତାବିତ ଏମ୍‌ଏମ୍‌ଡିଆର୍ ବିଲ୍ ବିରୋଧରେ ଆଜି ବଲାଙ୍ଗୀର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ, ବଲାଙ୍ଗୀର ପକ୍ଷରୁ ଧାରଣା ଦିଆଯାଇଥିଲା। ବଲାଙ୍ଗୀର ବିଜୁ ଛାତ୍ର ଜନତା ଦଳ ସଭାପତି ସୁମନ କୁମାର ନନ୍ଦଙ୍କ ନେତୃତ୍ୱରେ ଦଳର କର୍ମକର୍ତା ଓ ଛାତ୍ରନେତାମାନେ ଏହି ଧାରଣାରେ ସାମିଲ ହୋଇ ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ ଦାବି ଉଠାଇଥିଲେ। ଧାରଣା ପରେ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଏମ୍‌ଏମ୍ଡିଆର ବିଲ୍ ଦ୍ୱାରା ଓଡ଼ିଶାର ଖଣିଜ ସମ୍ପଦ, ରାଜସ୍ୱ ଓ ରାଜ୍ୟର ଅଧିକାର ଉପରେ ପଡୁଥିବା ପ୍ରଭାବ ନେଇ ଉଦ୍ବେଗ ପ୍ରକାଶ କରାଯାଇଛି। ସୁମନ କୁମାର ନନ୍ଦ କହିଛନ୍ତି ଯେ, "ଯେଉଁ ସମ୍ପଦ ଓଡ଼ିଶାର ମାଟିରୁ ବାହାରୁଛି, ସେଥିରୁ ରାଜ୍ୟର ନ୍ୟାୟସଙ୍ଗତ ରାଜସ୍ୱ ଓ ଅଧିକାର ସୁନିଶ୍ଚିତ ହେବା ଦରକାର।

# ପ୍ରଣବ ପଟ୍ଟନାୟକଙ୍କ ସମେତ ମହମ୍ମଦ ରଫି ଓ ଲତାଙ୍କୁ ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବର ସଙ୍ଗୀତମୟ ଶ୍ରଦ୍ଧାଞ୍ଜଳି




ରାଉରକେଲା,୨୬/୮(ନି/ପ୍ର): ରାଉରକେଲା ଇସ୍ପାତ ସହରର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବ୍'ର ପ୍ରତିଭା ସମ୍ପନ୍ନ କଳାକାରମାନେ ଇସ୍ପାତ ମାର୍କେଟ ସ୍ଥିତ ସରୋବର କୋର୍ଟ ନିକଟରେ ଆୟୋଜିତ ଏକ ମନୋରମ ସଙ୍ଗୀତ ସନ୍ଧ୍ୟାରେ ବଲିଉଡର ବିଗତ ଦିନର ପ୍ରଖ୍ୟାତ ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ମହମ୍ମଦ ରଫି, ଲତା ମଙ୍ଗେସକରଙ୍କ ଶ୍ରାଦ୍ଧ ବାର୍ଷିକୀ ତଥା ନିକଟରେ ଇହ ଧାମ ତ୍ୟାଗ କରିଥିବା ଓଡ଼ିଶା ସିନେ ଜଗତର ଲୋକପ୍ରିୟ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଉପଲକ୍ଷେ ବିଶେଷ ସଙ୍ଗୀତ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ମନୋରଞ୍ଜନ ଦାଶ, ଡକ୍ଟର୍ ପି କେ ସାହୁ, ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ବଲଜିତ ସିଂହ ଓ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ ସଭ୍ୟ ସମୁହ ପ୍ରଦୀପ ପ୍ରଜ୍ୱଳନ ସହ ଶୁଭାରମ୍ଭ କରିଥିଲେ। ସଭାପତି ତପନ ନାୟକ ପ୍ରାରମ୍ଭିକ ସମ୍ଭାଷଣ ଦ୍ୱୋ ସହ ସାଧାରଣ ସମ୍ପାଦକ ସନ୍ତୋଷ ଦାସ ଅନୁଷ୍ଠାନର ସୃଷ୍ଟି, ଉଦ୍ଦେଶ୍ୟ, ଯୋଜନା ସମ୍ପର୍କରେ ସଂକ୍ଷେପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଆୟୋଜକ ସମ୍ପାଦକ ସତ୍ୟବ୍ରତ ମହାନ୍ତି ଓ ପ୍ରଶାସନିକ ସଚିବ ପ୍ରଦୀପ ମହନ୍ତ ଯଥାକ୍ରମେ ପ୍ରଣବ ପଟ୍ଟନାୟକଙ୍କ ସଂଗୀତ ଜୀବନ ଉପରେ ଦୃଷ୍ଟି ଆକର୍ଷଣ କରିବା ସହ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ କାର୍ଯ୍ୟକ୍ରମକୁ ଆଗେଇନେଇଥିଲେ। ଏହି ଅବସରରେ ପୁରୁଣା ଓ ନୂଆ ବିଭିନ୍ନ ସ୍ୱାଦର ରଫି, ଲତା ତଥା ପ୍ରଣବ ପଟ୍ଟନାୟକଙ୍କ ଗାଇଥିବା ଗୀତ ପରିବେଷଣ କରି କଳାକାର ମାନେ ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ବଂଶୀ ଓ ସେକ୍ସୋଫୋନର ଯୁଗ୍ମ ପରିବେଷଣରେ ଛୁପ୍ ଗଏ ସାରେ ନଜାରେ ଏବଂ ସେକ୍ସୋଫୋନର ଏକକରେ ତୁମ୍ ବିନ ଯାଉଁ କାହାଁ ଗୀତର ଧୁନ୍ ରେ ଡା ଆଚାର୍ଯ୍ୟ ଓ ଶ୍ରୀ ସିଂହ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ। ସନ୍ଧ୍ୟାର କଳାକାର ମାନେ ଥିଲେ ସଙ୍ଗୀତା ପାତ୍ର , ମିନତୀ ତ୍ରିପାଠୀ, ଶୁଭସ୍ମିତା ଦାସ, ଶୁଭଶ୍ରୀ ଦାସ, ମନୋରଞ୍ଜନ ଦାଶ, ଡକ୍ଟର୍ ପିକେ ସାହୁ, ଡା ଜୟନ୍ତ ଆଚାର୍ଯ୍ୟ, ବଲ୍ଜିତ୍ ସିଂହ, ତପନ ନାୟକ, ସନ୍ତୋଷ ଦାସ, ସତ୍ୟବ୍ରତ ମହାନ୍ତି, ପ୍ରଦୀପ ମହନ୍ତ, ଅଶ୍ୱିନୀ ସିଂ, ଅଶୋକ ପଟେଲ, ରାମ ମହନ୍ତ, ପ୍ରଭାତ ମିଶ୍ର ଓ ରଜତ ପଣ୍ଡା। ଫିରୋଜ୍ ଓ ଶୁଭଶ୍ରୀଙ୍କ ମଂଚ ସଚାଂଳନ ବେଶ୍ ଆକର୍ଷଣୀୟ ହୋଇଥିଲା । ଅନୁଷ୍ଠାନର ସାଂସ୍କୃତିକ ସଚିବ ଗଦାଧର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପ୍ରସ୍ତାବିତ ଆଣବିକ ପ୍ରକଳ୍ପ ପ୍ରତିବାଦରେ ଜନସାଧାରଣଙ୍କ ଶକ୍ତି ପ୍ରଦର୍ଶନ

ନବରଙ୍ଗପୁର,୨୬/୮(ନି/ପ୍ର): ତେନ୍ତୁଳୀଖୁଣ୍ଟି ଅଂଚଳରେ ପ୍ରସ୍ତାବିତ ଆଣବିକ ପ୍ରକଳ୍ପକୁ ନେଇ ଜନଅସନ୍ତୋଷ ଚରମ ସୀମାରେ ପହଚିଂଛି। ପ୍ରକଳ୍ପକୁ ବାତିଲ କରିବା ଦାବିରେ ମଙ୍ଗଳବାର ତେନ୍ତୁଳୀଖୁଣ୍ଟି ବ୍ଲକ ଅଂଚଳର ୪୦ରୁ ଉର୍ଦ୍ଧ୍ୱ ଗ୍ରାମର ଶତାଧିକ ଲୋକ ନବରଙ୍ଗପୁର ସହରର ରାଜରାସ୍ତାକୁ ଓହ୍ଲାଇ ଏକ ବିଶାଳ ପ୍ରତିବାଦ ରାଲି କରିଥିଲେ। ଆନ୍ଦୋଳନକୁ ଜୋରଦାର କରିବା ପାଇଁ ବିରୋଧୀ ଦଳର ବରିଷ୍ଠ ନେତାମାନେ ମଧ୍ୟ ଏକାଠି ହୋଇଥିଲେ। ବିଜେଡି ପକ୍ଷରୁ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ରମେଶ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନହର ରନ୍ଧାରୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ଦଳୀୟ କର୍ମୀ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ଭୁଜବଳ ମାଝୀ, ଜିଲ୍ଲା ସଭାପତି ଲିପିକା ମାଝୀ, ଭାସ୍କର ପୁଜାରୀ, ପ୍ରହ୍ଲାଦ ହିଆଲଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଦଳୀୟ ଆଦର୍ଶକୁ ପଛରେ ପକାଇ ଅଂଚଳବାସୀଙ୍କ ସ୍ୱାର୍ଥ ଓ ଭିଟାମାଟିର ସୁରକ୍ଷା ପାଇଁ ବିଜେଡି ଓ କଂଗ୍ରେସର ବରିଷ୍ଠ ନେତାମାନେ ଏକାଠି ହୋଇ ଏହି ପ୍ରତିବାଦ ରାଲିର ନେତୃତ୍ୱ ନେଇଥିଲେ। ନବରଙ୍ଗପୁର ସର୍କିଟ୍ ହାଉସ୍‌ଠାରୁ ଏକ ବିଶାଳ ରାଲି ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଚିଂଥିଲା। ସେଠାରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ପରେ ବିଜେଡି ଓ କଂଗ୍ରେସ ନେତାଙ୍କ ସହ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରସ୍ତାବିତ ପ୍ରକଳ୍ପ ବାତିଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଉଭୟ ରାଜନୈତିକ ଦଳ ପକ୍ଷରୁ କୁହାଯାଇଛି। ଭବିଷ୍ୟତ ପିଢ଼ିର ସୁରକ୍ଷା ଓ ଭିଟାମାଟିକୁ ସୁରକ୍ଷିତ ରଖିବା ପାଇଁ ଏହି ପ୍ରକଳ୍ପକୁ କୌଣସି ପରିସ୍ଥିତିରେ କାର୍ଯ୍ୟକାରୀ କରିବାକୁ ଦିଆଯିବ ନାହିଁ ବୋଲି ଉଭୟ ଦଳର ନେତା ଓ ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ନବରଙ୍ଗପୁର ସର୍କିଟ୍ ହାଉସ୍‌ଠାରୁ ଏକ ବିଶାଳ ରାଲି ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଚିଂଥିଲା।

# ବଲାଙ୍ଗୀର ଆଇଡିଏମ୍ ସ୍କୁଲରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର

ବଲାଙ୍ଗୀର,୨୬/୮(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଆନୁକୂଲ୍ୟରେ ଓ ଆଇଡିଏମ୍ ସ୍କୁଲର ସହଯୋଗରେ ପରବେଶ ସଂପର୍କୀତ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ବର୍ଷାଋତୁ ଅନୁଷ୍ଠିତ ହୋଇଥିଲେ। ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଅର୍ଘ୍ୟ ଅମ୍ଲାନ ମିଶ୍ର। ଏହି ସଭାରେ ସଭାପତିତ୍ୱ କରିଥିଲେ ଡ. ଭବାନୀ ଶଙ୍କର ପଟେଲ। ଦୀପ ମନ୍ତ୍ରୀ ରଶ୍ମି ପାତ୍ର ଓ ଅର୍ଘ୍ୟ ଅର୍ପଣ ମିଶ୍ର କରିଥିଲେ। ପରେ ଜଗନ୍ନାଥ ଜଣାଣ ଗାୟନ କରିଥିଲେ ରାମ ଶଙ୍କର ଶତପଥୀ। ପରିଷଦର ବିବରଣୀ ପ୍ରଦାନ କରିଥିଲେ ଡ. ଭବାନୀ ଶଙ୍କର ପଟେଲ। ବକ୍ତା ଭାବରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠ ବିସ୍ତୃତ ଭାବରେ ପରିବେଶ ସୁରକ୍ଷାର ବିଭିନ୍ନ ବିଷୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବବିତା ଦିକ୍ଷିତ ନିଜ ଅନୁଭୂତିକୁ ନେଇ ପରିବେଶ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରି କୋଟି ଉପରେ ମତ ରଖିଥିଲେ। ସଭାପତିଙ୍କ ଅଭିଭାଷଣରେ ଗଛ ହିଁ ଜୀବନ ଏହି ପରିବେଶକୁ ରାମ କୃଷ୍ଣଙ୍କର ସମୟରୁ ଗୁରୁତ୍ୱ ଦିଆଯାଇଛି। କବିତା ବର୍ଷା ଋତୁ ଉପରେ ସଂଯୋଜକ ରଶ୍ମି ପାତ୍ର ଓ ନିଳିନୀ ପ୍ରଭା ଶତପଥିଙ୍କ ସଂକ୍ଷିପ୍ତ କଥନ ଉପରେ ଅନେକ କବି ନିଜ କବିତା ପାଠ କରିଥିଲେ। ସମର୍ପିତା କର, ମାନସୀ ମିଶ୍ର, ସଂଗୀତା ମହାପାତ୍ର, ଶ୍ରଦ୍ଧାଞ୍ଜଳି ବରିହା, ବର୍ଷରାଣୀ ସାହୁ, ଶ୍ରୀୟା ପରିମିତା ପୋଥର, ଗୋଧିବ ଶର୍ମା, ପ୍ରତୁଷ ବ୍ରହ୍ମା, ରଶ୍ମି ପାତ୍ର, ଡ. ଭବାନି ଶଙ୍କର ପଟେଲ, ବଳିଷ୍ଠ ପଧାନ, ରାମ ଶଙ୍କର ଶତପଥୀ, ନିଳିନୀ ପ୍ରଭା ଶତପଥି। ପରିଷଦ ତରଫରୁ ଛାତ୍ର ଛାତ୍ରୀଙ୍କୁ ଏବଂ କଲେଜର ଅଧାପିକାମାନଙ୍କୁ ମାନପତ୍ର ପ୍ରଦାନ କରିଯାଇଥିଲେ। ବଳିଷ୍ଠ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ୬ ଜଣ ମ୍ୟାନେଜମେଂଟ ଟ୍ରେନି ସାମିଲ



ରାଉରକେଲା,୨୬/୮(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଛଅ ଜଣ ମ୍ୟାନେଜମେଂଟ ଟ୍ରେନି (ଟେକ୍ନିକାଲ) ଙ୍କୁ ସାମିଲ କରାଯାଇଛି। ମାନବ ସମ୍ବଳ-ଜ୍ଞାନାର୍ଜନ ଏବଂ ବିକାଶ (ଏଚ.ଆର.-ଏଲ.ଆଣ୍ଡ.ଡି.) ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ)ଙ୍କ ସମ୍ମିଳନୀ କକ୍ଷ ସମାଧାନ ଠାରେ ସେମାନଙ୍କର ସ୍ଥାନୀୟ ଓରିଏଂଟେସନ (ଇଣ୍ଡକ୍ସନ) ଆରମ୍ଭ ହୋଇଥିଲା। ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଏହି ଉତ୍ସବରେ ଯୋଗଦେଇ ଥିଲେ । ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବି. ଆର. ପାଲାଇ ଏବଂ ନିର୍ବାହୀ ନିର୍ଦ୍ଦେଶକ (ଖଣି) ଶ୍ରୀ ଏମ. ପି. ସିଂହ ମଧ୍ୟ ଉପସ୍ଥିତ ଥିଲେ। ନବନିଯୁକ୍ତ ଟ୍ରେନିମାନଙ୍କୁ ସମ୍ବୋଧିତ କରି ଶ୍ରୀ ତରୁଣ ମିଶ୍ର ସେମାନଙ୍କୁ ଆର.ଏସ.ପି.କୁ ସ୍ୱାଗତ କରିବା ସହ କାରଖାନାର ଟାଉନସିପ୍ ଏବଂ କାର୍ଯ୍ୟ ପରିବେଶ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ରାଉରକେଲା ଇସ୍ପାତ କାରଖାନାର ଅନ୍ୟତମ ଶ୍ରେଷ୍ଠ ଟାଉନସିପ୍ ରହିଛି ଏବଂ ଏହା କାମ କରିବା ପାଇଁ ଶ୍ରେଷ୍ଠ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ । ନିର୍ବାହୀ ନିର୍ଦ୍ଦେଶକ (କାରଖାନା) ଶ୍ରୀ ବି. ଆର. ପାଲାଇ ବହୁମୁଖୀ ଦକ୍ଷତା କାର୍ଯ୍ୟ ସଂସ୍କୃତିକୁ ଆପଣେଇବା ଗୁରୁତ୍ୱ ଉପରେ ଜୋର ଦେଇ ଟ୍ରେନି ମାନଙ୍କୁ ସେମାନଙ୍କର ବୃତିଗତ ଲକ୍ଷ୍ୟ ହାସଲ କରିବା ପାଇଁ କ୍ୟାରିୟର ରୋଡମ୍ୟାପ୍ ଉପରେ ଧ୍ୟାନ ଦେବା ସହ କ୍ରମବଦ୍ଧ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ନିର୍ବାହୀ ନିର୍ଦ୍ଦେଶକ (ଖଣି) ଶ୍ରୀ ଏମ. ପି. ସିଂହ ଟ୍ରେନିମାନଙ୍କୁ ଅନୁଷ୍ଠାନ ମଧ୍ୟରେ ଉପଲବ୍ଧ ଶିକ୍ଷଣ ଏବଂ ବୃତିଗତ ସୁଯୋଗର ପୂର୍ଣ୍ଣ ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଟ୍ରେନିମାନଙ୍କୁ ସଂସ୍ଥାର ଗଠନ, ଏହାର କାର୍ଯ୍ୟ ସଂସ୍କୃତି ଏବଂ ସେଲ୍, ଆର.ଏସ.ପି.ରେ ବୃତ୍ତିଗତ ବିକାଶ ପାଇଁ ଉପଲବ୍ଧ ସୁଯୋଗ ବିଷୟରେ ଏକ ସାଧାରଣ ଧାରଣା ପ୍ରଦାନ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେଲ୍ ?ରେ ଯୋଗ ଦେଉଥିବା ସମସ୍ତ ମ୍ୟାନେଜମେଂଟ ଟ୍ରେନି (ଟେକ୍ନିକାଲ)ଙ୍କର କେନ୍ଦ୍ରୀୟ ଇଣ୍ଡକ୍ସନ ଭିଲାଇ ଇସ୍ପାତ କାରଖାନାରେ ଅନୁଷ୍ଠିତ ହୋଇଥିଲା। ତାପରେ, ସ୍ଥାନୀୟ ଇଣ୍ଡକ୍ସନ ପାଇଁ ଟ୍ରେନିମାନଙ୍କୁ ବିଭିନ୍ନ ୟୁନିଟରେ ଅବସ୍ଥାପିତ କରାଯାଇଛି।

# ବେଲପଡ଼ା ବ୍ଲକ୍ ଠାରେ ଗ୍ରାମ ପଂଚାୟତ ବିକାଶ ପାଣ୍ଠି ଓ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ

ବଲାଙ୍ଗୀର,୨୬/୮(ନି/ପ୍ର): ବେଲପଡ଼ା ବ୍ଲକ୍‌ର ସମ୍ମିଳନୀ କକ୍ଷ ଠାରେ ଅରୁଣା, ଆଇସିଡିଏସ୍ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବଲାଙ୍ଗୀରର ଆୟୋଜନ କ୍ରମେ ବ୍ଲକ୍‌ସ୍ତରୀୟ ଟାସ୍କ ଫୋର୍ସ କମିଟି, ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଓ ସରପଂଚ ଓ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ପାଇଁ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଏକ ତାଲିମ ଅନୁଷ୍ଠିତ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ବେଲପଡ଼ା ବ୍ଲକ୍‌ର ଗ୍ରାମ ପଂଚାୟତ ବିକାଶ ଅଧିକାରୀ ଶ୍ରୀ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ତାଲିମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସି ଡି ପି ଓ ବିଦ୍ୟୁତ୍‌ପ୍ରଭା ନାଗ କହିଲେ ଶିଶୁମାନଙ୍କ ଆବଶ୍ୟକ ଯତ୍ନ ଓ ସୁରକ୍ଷା ଜରୁରୀ କାଳୀନ ଭିତିରେ ଗ୍ରାମ ପଂଚାୟତ ବିକାଶ ପାଣ୍ଠିରୁ ଶତକଡା ୫ ପ୍ରତିଶତ ସହ ଅର୍ଥ କୁ ସୁନିଶ୍ଚିତ କରିବା ପାଇଁ ସମସ୍ତଙ୍କର ସାହାଯ୍ୟ କାମନା କରିଥିଲେ।ଏହି ଅବସରରେ ସିଡିପିଓ କହିଲେ ବାଲ୍ୟ ବିବାହ ବନ୍ଦ କରିବା, ବାଲ୍ୟ ବିବାହ ଅଧିକାରୀ ମାନେ ପଂଚାୟତ ସ୍ତରରେ ବୋର୍ଡ ଲଗାଇବା,ବେଟି ବଚାଓ ବେଟି ପଢ଼ାଓ ଉପରେ ଜଣାଇଥିଲେ।କାର୍ଯକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ ଜଣାଇ କିଶୋର ନ୍ୟାୟ ଆଇନ୍ ଉପରେ ଶିଶୁ ମାନଙ୍କର ଯତ୍ନ ଓ ସୁରକ୍ଷା ଉପରେ ବିଭିନ୍ନ ପ୍ରକାର ଆଇନ୍ ତଥା ବାଲ୍ୟବିବାହ ନିରୋଧ ଆଇନ, ପୋକ୍ସୋ ଆଇନ୍,ଶିଶୁ ଶ୍ରମିକ ନିରୋଧ ଆଇନ, ପି ସି ପି ଏନ୍ ଡି ଟି ଆଇନ୍ ଉପରେ ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି ତାଲିମ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିବା ସହ ସରପଂଚ ଓ ଇ ଓ ମାନଙ୍କର ଭୂମିକା, ଦାୟିତ୍ୱ ଉପରେ ଜଣାଇଥିଲେ। ଗ୍ରାମ ପଂଚାୟତ ବିକାଶ ପାଣ୍ଠି ର ଅନ୍ ଟାଏଡ ପାଣ୍ଠି ର ୫ % ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରି ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଗୋଷ୍ଠି ଭିତିକ ଯୋଜନା ଓ ବ୍ୟକ୍ତିଗତ ଯୋଜନା ପ୍ରସ୍ତୁତି କରିବା ପାଇଁ ଏକ ତାଲିମ ପ୍ରଦାନ କରିଥିଲେ।କାର୍ଯକ୍ରମରେ ବେଲପଡା ଥାନା ର ଏ ଏସ ଆଇ ଭଜମନ ବିଶି ବାଲ୍ୟ ବିବାହ ଆଇନ ଉପରେ ମତାମତ ଦେଇଥିଲେ,ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଚତୁର୍ଭୁଜ ମିର୍ଦ୍ଧା କହିଲେ ଅଧାରୁ ପାଠ ପଢା ଛାଡିଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏନ୍ ଆଇ ଓ ଏସ, ଏସ ଆଇ ଓ ଏସ ମଧ୍ୟରେ ନାମ ଲେଖାଇବାକୁ ପରାମର୍ଶ ପ୍ରଦାନ କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପାଣ୍ଡେ ଅପ୍ରାପ୍ତ ବୟସ୍କ। ଗର୍ଭବତୀ ହୋଇ ମାତୃତ୍ୱ ଲାଭ କରିବା ନିଜ ପାଇଁ ସ୍ୱାସ୍ଥ୍ୟ ହାନି, ଅଯଥା ପାରିବାରିକ ବୋଝ, ନବଜାତକର ଯତ୍ନ ନେବା ସମସ୍ୟା ଉପୁଜୁ ଥିବାବେଳେ ଜନ୍ମିତ ଶିଶୁର ମଧ୍ୟ କ୍ଷତି ହୋଇଥାଏ ବୋଲି ବୁଝାଇଥିଲେ। ଚାଇଲ୍ଡ ହେଲ୍ପ ଲାଇନ୍‌ର ସୁଦନ ଖମାରୀ, ଶୁଭମ୍ ଜେନା, ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁବୋଧ ପଧାନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଭାଗର ବରିଷ୍ଠ କିରାଣୀ କାମଦେବ ଭୋଇ ସଫଳ ଆୟୋଜନ କରିଥିଲେ। ପରିଶେଷରେ ଅରୁଣ ଖୁଆସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ତାଲିମ୍‌କୁ ଶେଷ କରିଥିଲେ।

**Affidavit**

I **SANGEETA PANIGRAHI**, aged about 64 years, W/o- **SANATANA PANIGRAHI**, resident of Plot No.L/121, Phase-I, Chhend, P.O-Rkl-1, PS-Chhend, Dist: Sundargarh, Odisha-769015, declare by this affidavit No/ A/79, dated:24/8/2026, that now onwards I shall be known as **SANGEETA PADHI** for all future purposes